## ଦଣ୍ଡନାଚ ଦେଖିବା ପାଇଁ ଭକ୍ତଙ୍କ ଭିଡ଼

ପାରଳାଖେମୁଣ୍ଡି, ୭।୪ (ଗିରିଧାରୀ ପରିଚ୍ଛା): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଶ୍ୟାମାକାଳୀ ମନ୍ଦିରରେ ପ୍ରତେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଖୁବ ଧୁମଧାମରେ ଆରମ୍ଭ ହୋଇଯାଇଅଛି। ଏହି ଦଣ୍ଡ ଯାତ୍ରା ଚଳିତ ମାସ ୨ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହା ମେରୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ହୋଇଥାଏ। ଶେଷ ଦିନ ଶ୍ୟାମକାଳୀ ମନ୍ଦିର ପରିସରରେ ବହୁ ନିଷ୍ଠାର ସହ ସମାପନ ହୋଇଥାଏ ବୋଲି ମନ୍ଦିର କମିଟି ସଭାପତି ମନୋରଞ୍ଜନ ପଟ୍ଟନାୟକ କହିଛନ୍ତି। ବିଶେଷ କରି ଯୁବଗୋଷ୍ଠୀମାନେ ଏହି ଦଣ୍ଡୁଆ ନାଚରେ ବହୁ ମାତ୍ରାରେ ଦୀକ୍ଷା ନେଇଥିବା ଦେଖିବାକୁ ମିଳୁଛି। ପ୍ରତେକ ଦିନ ଦୀକ୍ଷା ନେଇଥିବା ଦଣ୍ଡୁଆମାନେ ସକାଳୁ ନିଜ ନିତ୍ୟକର୍ମ ସାରି ବିଭିନ୍ନ ସାହିରେ ଦଣ୍ଡନାଚ କରୁଥିବା ଦେଖିବାକୁ ମିଳୁଛି। ପ୍ରତେକ ବର୍ଷ ଭଳି ବ୍ରହ୍ମପୁରରୁ ଦଣ୍ଡୁଆମାନେ ଆସି ଦଣ୍ଡୁଆ ନାଚ ପ୍ରଦର୍ଶିତ କରୁଛନ୍ତି। ଏଥିରେ କଣ୍ଟାଦଣ୍ଡ, ଅଗ୍ନିଦଣ୍ଡ, ଧୂଳିଦଣ୍ଡ ଆଦି ବିଭିନ୍ନ ପ୍ରକାର ନାଚ ପରିବେଷଣ କରୁଛନ୍ତି। ଏହି ନୃତ୍ୟ ଦେଖିବା ପାଇଁ ପାରଳାଖେମୁଣ୍ଡି ସହର ଓ ଆଖପାଖ ଅଞ୍ଚଳର ବହୁ ଭକ୍ତ ରୁଣ୍ଡ ହୋଇଥାନ୍ତି।

# ଡାବୁଗାଁ ନିର୍ବାଚନମଣ୍ଡଳୀରୁ ପ୍ରଦୀପଙ୍କ ପ୍ରଚାର ଆରମ୍ଭ




ନିର୍ବାଚନୀ ସଭାରେ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଓ ଡାବୁଗାଁ ବିଧାନସଭା ପ୍ରାର୍ଥୀ ମନୋହର ରନ୍ଧାରୀ। ସଭାରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

ନବରଙ୍ଗପୁର, ୭।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନମଣ୍ଡଳୀର ପାପଡ଼ାହାଣ୍ଡି ବ୍ଲକରୁ ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝୀ ପ୍ରଚାର ଆରମ୍ଭ କରିଛନ୍ତି। ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝୀ ଓ ଡାବୁଗାଁ ବିଧାନସଭା ପ୍ରାର୍ଥୀ ତଥା ବିଧାୟକ ମନୋହର ରନ୍ଧାରୀ ରବିବାର ଡାବୁଗାଁ ନିର୍ବାଚନମଣ୍ଡଳୀ ପାପଡ଼ାହାଣ୍ଡି ବ୍ଲକର ଖୁଟୁବାଇ, ଡଙ୍ଗରା, ମାନିଗାଁ, କୋଷାଗୁମୁଡ଼ା ବ୍ଲକର ଆଟିଗାଁ ଓ ବାଙ୍କୁଲି ଗସ୍ତ କରି ବିଭିନ୍ନ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀରେ ପ୍ରଚାର କରିଥିଲେ। ଗତ ୫ ବର୍ଷ ମଧ୍ୟରେ ଡାବୁଗାଁ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ୧୨ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଜନହିତକର କାର୍ଯ୍ୟ କରି ଆସିଛନ୍ତି। ୫୦୦ ଟଙ୍କା ଭତ୍ତା ବୃଦ୍ଧି କରି ୧ ହଜାର ଟଙ୍କା କରିଛନ୍ତି। ଗ୍ରାମାଞ୍ଚଳରେ ମନ୍ଦିରର ବିକାଶ, ଶିକ୍ଷା ବିକାଶ ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ କ୍ରୀଡ଼ା, ସଂସ୍କୃତି ଓ ପରମ୍ପରାର ବିକାଶ ପାଇଁ ଅନେକ ଉଦ୍ୟମ କରିଛନ୍ତି। ରାଜ୍ୟ ସରକାରଙ୍କ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ବିକାଶମୂଳକ ଯୋଜନା ସଂକ୍ରାନ୍ତରେ ନିର୍ବାଚନ ପ୍ରଚାରରେ ଉଭୟ ନେତା ଉଦ୍‌ବୋଧନ ଦେଇଥିଲେ। ନବରଙ୍ଗପୁର ଜିଲାର ବିକାଶକୁ ଆଗେଇ ନେବା ପାଇଁ ବିଜେଡିକୁ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି ଡାବୁଗାଁ ବ୍ଲକ ବଡ଼ ଓଲମାଠାରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବରେ ଉଭୟ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝୀ ଓ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇଥିଲେ। ଏହି ନିର୍ବାଚନ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲ୍ଲିକ, ରଜନୀକାନ୍ତ ସାସ୍ମଲ, ଶିବପ୍ରସାଦ ଅଗ୍ରୱାଲ, ସେଖ ତାଜୁଦ୍ଦିନ, ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ ।

## ବିଷପିଇ ବୃଦ୍ଧାଙ୍କ ଆତ୍ମହତ୍ୟା

ଡାବୁଗାଁ, ୭।୪ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମୋତିଗାଁ ଗ୍ରାମରେ ବିଷପିଇ ଜଣେ ବୃଦ୍ଧା ଆତ୍ମହତ୍ୟା କରିଥିବା ନେଇ ରବିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି । ବୃଦ୍ଧା ଜଣକ ହେଲେ ମୋତିଗାଁ ଗ୍ରାମର ଡମ୍ବୁ ଭତ୍ରାଙ୍କ ସ୍ତ୍ରୀ ଆଶାବତୀ ଭତ୍ରା (୬୦)। ସୂଚନାଯୋଗ୍ୟ, ମୋତିଗାଁ ଗ୍ରାମର ଡମ୍ବୁ ଭତ୍ରା ଶନିବାର ସକାଳୁ ନିଜ କାଜୁ ବଗିଚାକୁ ଯାଇଥିଲେ। ଡମ୍ବୁ ମଧ୍ୟାହ୍ନରେ ଘରକୁ ଫେରି ଦେଖିଥିଲେ ଯେ, ତାଙ୍କ ସ୍ତ୍ରୀ ଆଶାବତୀ ଘରେ ବେହୋସ ହୋଇପଡଛନ୍ତି। ତାଙ୍କ ନିକଟରେ ଏକ ବିଷ ବୋତଲ ମଧ୍ୟ ପଡ଼ିଛି। ସେ ସଙ୍ଗେ ସଙ୍ଗେ ସ୍ତ୍ରୀଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ରବିବାର ସକାଳେ ଆଶାବତୀଙ୍କ ମୃତ୍ୟୁ ଘଟିଛି । ଏ ନେଇ ମୃତକଙ୍କ ଦିଅର ନାଡୁ ଭତ୍ରା ଡାବୁଗାଁ ଥାନାରେ ରବିବାର ଏତଲା ଦେଇଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ମୃତକଙ୍କ ମାନସିକ ବିକୃତି ଥିବା ତାଙ୍କ ସ୍ୱାମୀ କହିଛନ୍ତି। ଏ ନେଇ ଥାନା କେସ୍ ନଂ ୧୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ନବରଙ୍ଗପୁର ଭାଜପା ବିଧାୟକ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା


ନବରଙ୍ଗପୁର ଭାଜପା ବିଧାୟକ ପ୍ରାର୍ଥୀ ଗୌରୀ ଶଙ୍କର ମାଝିଙ୍କୁ ଦଳୀୟ କର୍ମୀ ସମ୍ବର୍ଦ୍ଧିତ କରୁଛନ୍ତି।

ତେନ୍ତୁଳିଖୁଣ୍ଟି,୭।୪ (ଚିଦାନନ୍ଦ ସାହୁ)

**ଖୋଲିଲା ନିର୍ବାଚନୀ କାର୍ଯ୍ୟାଳୟ**

ନବରଙ୍ଗପୁର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଗୌରୀ ଶଙ୍କର ମାଝୀଙ୍କୁ ତେନ୍ତୁଳିଖୁଣ୍ଟି ମଣ୍ଡଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ପ୍ରାର୍ଥୀ ମାଝୀ ଓ ଶତାଧିକ ଦଳୀୟ କର୍ମକର୍ତ୍ତା ବାଇକ୍ ରାଲିରେ ତେନ୍ତୁଳିଖୁଣ୍ଟିରୁ ଖାତିଗୁଡା ଆସିଥିଲେ। ଏହି ପରିପ୍ରେକ୍ଷୀରେ ରବିବାର ବିଭିନ୍ନସ୍ଥାନରେ ଭାଜପା ନିର୍ବାଚନୀ କାର୍ଯ୍ୟାଳୟ ଖୋଲାଯାଇଛି। ତେନ୍ତୁଳିଖୁଣ୍ଟିର ଚରାମୂଳାଠାରେ କାର୍ଯ୍ୟାଳୟ ଖୋଲିଥିବାବେଳେ ପୂଜାରିଗୁଡ଼ା ଓ ଦିଗି ପାଇଁ ଆଉଁଳିଗୁମ୍ମାଠାରେ ଦଳୀୟ ଅଫିସ ଖୋଲାଯାଇଛି। ସେହିପରି ଗୌଡ ଦେଓପାଲି, ପରଜା ବାରଙ୍ଗପଦର ଲମତାଗୁଡା, ମଞ୍ଜାଗାଁ ପାଇଁ ନିର୍ବାଚନୀ କାର୍ଯ୍ୟାଳୟ ଖୋଲିଛି। ମଣ୍ଡଳ ସଭାପତି ହରେକୃଷ୍ଣ ମୁଦୁଲି ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ ତଥା ଚନ୍ଦ୍ରଶେଖର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ତେନ୍ତୁଳିଖୁଣ୍ଟି ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କାହ୍ନୁ ଦାଶଙ୍କ ସମେତ ଜିଲା ଭାଜପା ସଭାପତି ଜଗଦୀଶ ବିଶୋଇ, ମୃତ୍ୟୁଞ୍ଜୟ ଦାସ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଧରଣୀଧର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମୋଦି ଗ୍ୟାରେଣ୍ଟି ସହ ରେଳ, ଜଳ, କଳ ତଥା ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ପ୍ରଭାବିତ ଜନତା ଓ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଫୋକସ ଦିଆଯିବ ବୋଲି ପ୍ରାର୍ଥୀ ପ୍ରତିଶ୍ରୁତି ଦେଇଥିଲେ। ୩୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ରହି ଅଧିକ ଜୋସ୍ ସହ ଚଳିତ ନିର୍ବାଚନରେ କାମ କରିବାକୁ ଶପଥ ନେଇଥିଲେ।

## କଂଗ୍ରେସ, ବିଜେଡିର ପ୍ରଚାର: ଭାଜପା ଦେଇନି ପ୍ରାର୍ଥୀ

ନବରଙ୍ଗପୁର,୭।୪(ସଦାଶିବ ପ୍ରହରାଜ)

**ବିଜେଡି ପାଇଁ ଅସନ୍ତୁଷ୍ଟ ଅଡୁଆ ହେବ**

ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଡାକ୍ତର ଲିପିକା ମାଝି ଓ ବିଜେଡି ମନୋହର ରନ୍ଧାରୀଙ୍କୁ ପ୍ରାର୍ଥୀ କରିଛି। ଏଯାଏ ଭାଜପା ପ୍ରାର୍ଥୀ ଘୋଷଣା କରିନାହିଁ । କଂଗ୍ରେସ ଓ ବିଜେଡି ପ୍ରାର୍ଥୀ କର୍ମୀ ସଂଗଠକଙ୍କୁ ନେଇ ଗାଁ, ପଞ୍ଚାୟତ କର୍ମୀ ସମ୍ମିଳନୀ ଓ ପ୍ରଚାର ଆରମ୍ଭ କରିଛି। ଠିକଣା ସମୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତଥା ପାତ୍ରୀ ସରପଞ୍ଚ ଭଗବତୀ ଭତରା ଓ ତାଙ୍କ ସ୍ୱାମୀ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲିଙ୍ଗରାଜ ଭତରା ବିଜେଡି ଛାଡି ଭାଜପାରେ ଯୋଗ ଦେଲେ। ଭଗବତୀ କିମ୍ବା ଲିଙ୍ଗରାଜଙ୍କୁ ଭଜାପା ପ୍ରାର୍ଥୀ ଚୂଡାନ୍ତ କରିବାକୁ ଭୁବନେଶ୍ୱରରେ ଭାଜପାର ଜଣେ ପୂର୍ବତନ ଏମ୍‌ପି ଡେରା ପକାଇଥିବା ଜଣାପଡିଛି।

ଅନ୍ୟପକ୍ଷରେ ପୂର୍ବତନ ଏମ୍‌ପି ଜଣଙ୍କ ଏଥର ଟିକେଟ ପାଇ ନ ଥିବାରୁ ବିଜେଡିକୁ ସମର୍ଥନ କରିବାକୁ ଗୋଟି ଚଳାଉଥିବା ଆଲୋଚନା ହେଉଛି। ସେହିଭଳି ବିଜେଡିର ଜଣେ ଟାଣୁଆ ନେତା ଭାଜପା ଟିକେଟ ଆଶାରେ ଥିବା ବେଳେ ଦଳ ଚେକ ପକାଇ ରଖିଛି, ଏନେଇ ସେ ସାହସ ଜୁଟାଇ ପାରୁ ନାହାନ୍ତି। ଡାବୁଗାଁ, ପାପଡାହାଣ୍ଡି ଓ କୋଷାଗୁମୁଡା ବ୍ଲକର ୧୫ ପଞ୍ଚାୟତକୁ ନେଇ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ । ଭଗବତୀ ଓ ଲିଙ୍ଗରାଜଙ୍କ ନିଜ ସଂଗଠନ ରହିଛି। ଏହା ବ୍ୟତୀତ ଭାଜପା ସଂଗଠନ ଓ ଆନୁଗତ୍ୟ ଭୋଟ ବିଜେଡିକୁ ଅଡୁଆ ସୃଷ୍ଟି କରିବା ସମ୍ଭାବନା ରହିଛି । ଭଗବତୀ ଓ ଲଙ୍ଗରାଜ ବିଜେଡି ପାଇଁ ଅଡୁଆ ହେଉଥିବା କୁହାଯାଉଛି । ଏହାର ଫାଇଦା କଂଗ୍ରେସକୁ ଯାଉଥିବା ବେଳେ ଏଯାଏ ଭାଜପା ପ୍ରାର୍ଥୀ ଘୋଷଣା ନ କରିବା ବିଜେଡି ଓ କଂଗ୍ରେସ ପ୍ରାଥୀ ପ୍ରଚାର ମଇଦାନରେ ରହିଛନ୍ତି ।

## ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ମାଲକାନଗିରି,୭।୪(ଦୁର୍ଯ୍ୟୋଧନ ପାତ୍ର)



ବୈଠକରେ ଯୋଗ ଦେଇଥିବା ଡାକ୍ତର ଓ ଅନ୍ୟମାନେ ।

ଜିଲା ରେଡ଼କ୍ରସ୍ ସୋସାଇଟି ଏବଂ ଜିଲା ଯୁବ ରେଡ଼କ୍ରସ୍ ମାଲକାନଗିରିର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ସ୍ଥାନୀୟ ସତ୍ୟନାରାୟଣ ସେବିକା ମହାବିଦ୍ୟାଳୟରେ ରବିବାର ପାଳିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତଥା ଜିଲା ରେଡ଼କ୍ରସ ସୋସାଇଟି ଉପସଭାପତି ବେଦବର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହିତ ସ୍ୱାସ୍ଥ୍ୟ ପ୍ରତି ସମସ୍ତେ ସଚେତନ ହେବେ ବୋଲି ପରାମର୍ଶ ଦେଇଥିଲେ। ଏହି ସଭାରେ ଜିଲା ଯୁବ ରେଡ଼କ୍ରସ୍ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ଦିବସର ତାତ୍ପର୍ଯ୍ୟ ସହିତ ଛାତ୍ରୀଛାତ୍ରମାନେ ଖାଦ୍ୟ, ବାୟାମ, ଯୋଗ ପ୍ରତ୍ୟେକ ଦିନ କରିବା ଉଚିତ ବୋଲି ମତ ଦେଇଥିଲେ।

ପ୍ରାରମ୍ଭରେ ସତ୍ୟନାରାୟଣ ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଜରୁରୀ କାଳୀନ ଅଧିକାରୀ ମୁନା ତୁରୁକୁ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ସ୍ୱାସ୍ଥ୍ୟ ଦିବସର ସ୍ଲୋଗାନ ମୋ ସ୍ୱାସ୍ଥ୍ୟ, ମୋ ଅଧିକାର ବିଷୟରେ ଛାତ୍ରୀମାନେ ବକ୍ତୃତା ଦେଇଥିଲେ । ଏପ୍ରିଲ ୭ ପ୍ରତ୍ୟେକ ବର୍ଷ ସ୍ୱାସ୍ଥ୍ୟ ଦିବସ ଭାବେ ୧୯୪୮ରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦନ କ୍ରମେ ପାଳନ ସହିତ ସ୍ୱାସ୍ଥ୍ୟ ପ୍ରତି ସଚେତନା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳିତ ହୋଇଥାଏ । କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀ, ରେଡ ରିବନ କ୍ଲବ ସଦସ୍ୟ, ଅଧ୍ୟାପିକା, ଅଧ୍ୟାପକ ଏବଂ ଅଣ ଶିକ୍ଷକ କର୍ମଚାରୀ ଅଂଶଗ୍ରହଣ କରି ଏହି ଦିବସ ସଫଳ କରିବା ପାଇଁ ସହଯୋଗ କରିଥିଲେ । ସୁମିନ ସୁମନ କାର୍ତ୍ତିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା ।

## କନଷ୍ଟେବଲଙ୍କ ଜୀବନ ବଞ୍ଚାଇଲେ ଅଗ୍ନିଶମ କର୍ମଚାରୀ

ମାଲକାନଗିରି,୭।୪(ଦୁର୍ଯ୍ୟୋଧନ ପାତ୍ର)

**କୋଠାରୁ ତଳକୁ ଡେଇଁବାକୁ ଉଦ୍ୟମ**

ଥାନାର ୪ ତାଲା କୋଠାରୁ ତଳକୁ ଡେଇଁବାକୁ ଉଦ୍ୟମ କରୁଥିବା ଜଣେ କନଷ୍ଟେବଲଙ୍କୁ ଉଦ୍ଧାରକରି ଅଗ୍ନିଶମ କର୍ମଚାରୀ ତାଙ୍କ ଜୀବନ ବଞ୍ଚାଇଛନ୍ତି। ମୋଟୁ ଥାନାର ୪ମହଲା ଉପରେ ଥିବା ୱାଚଟାୱାରରୁ ଜଣେ କନଷ୍ଟେବଲ ତଳକୁ ଡେଇଁବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଉଦ୍ଧାର ପାଇଁ କାଲିମାଳା ଅଗ୍ନିଶମ କାର୍ଯ୍ୟାଳୟକୁ ଫୋନ ଯାଇଥିଲା। କାଲିମେଳା ଅଗ୍ନିଶମ ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ପରିଡାଙ୍କ ନେତୃତ୍ୱରେ ଅଗ୍ନିକ ରାଜେନ୍ଦ୍ର ପ୍ରସାଦ ସାହୁ, ଅଗ୍ନିକ କମଳ ଲୋଚନ ମାଝି ଓ ତନ୍ମୟ ନାୟକ ପ୍ରମୁଖ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ସିଡ଼ିଦ୍ୱାରା ବହୁ କଷ୍ଟରେ ୪ମହଲା ଉପରକୁ ଚଢି କୌଶଳ କ୍ରମେ ଉପରୁ ତଳକୁ ଡେଇଁବାକୁ ଧମକ ଦେଉଥିବା କନଷ୍ଟେବଲ ଏନ୍. ପୂଜାରୀଙ୍କୁ କାବୁ କରି ତାଙ୍କ ଜୀବନ ବଞ୍ଚାଇ ଥିଲେ। କୌଣସି କାରଣରୁ କନଷ୍ଟେବଲ ଜଣକ ଶନିବାର ମାନସିକ ଭାରସାମ୍ୟ ହରାଇ ଥାନାର ୪ମହଲା ଛାତ ଉପରକୁ ଯାଇ ସିଡ଼ି ଘର କବାଟ ବନ୍ଦକରି ଦେଇଥିଲେ। ଏହା ଜାଣିବା ପରେ ଥାନା ଅଧିକାରୀ ଓ ପୋଲିସ କର୍ମଚାରୀ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟାକରି ବିଫଳ ହେବାପରେ କାଲିମେଳା ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ।

## ପୋଷ୍ଟମାଷ୍ଟର ଖାଉଟି ଅଦାଲତରେ ଦଣ୍ଡିତ

ମାଲକାନଗିରି,୭।୪(ଦୁର୍ଯ୍ୟୋଧନ ପାତ୍ର)

- ଶହୀଦ ପରିବାର ଟଙ୍କା ହଡପ ମାମଲା
- ୧୧ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ

ଶହୀଦ ପରିବାରଙ୍କ ଟଙ୍କା ହଡପ ମାମଲାରେ ମାଲକାନଗିରି ପୋଷ୍ଟମାଷ୍ଟର ଖାଉଟି ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଏଥିସହ କ୍ଷତିପୂରଣ ବାବଦକୁ ୧୦ ହଜାର ଟଙ୍କା ଏବଂ ଅଭିଯୋଗକାରୀଙ୍କୁ ହଇରାଣ କରିଥିବାରୁ ୧ ହଜାର ଟଙ୍କା ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ହୋଇଛି।

ସୂଚନା ଅନୁସାରେ, ମାଲକାନଗିରି ସଦର ମହକୁମାରେ ରହୁଥିବା ସୁରେଶ ହାଲୱାଙ୍କ ଭାଇ ରମେଶ ହାଲୱା ଜଣେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ବିଗତ କିଛି ବର୍ଷ ପୂର୍ବେ ସେ ଶହୀଦ ହୋଇଥିଲେ। ତେବେ ସରକାରଙ୍କ ତରଫରୁ ଶହୀଦ ପରିବାରକୁ ଆର୍ଥିକ ସହାୟତା ମିଳିଥିବା ବେଳେ ଉକ୍ତ ଟଙ୍କାକୁ ଶହୀଦ ରମେଶଙ୍କ ସାନ ଭାଇ ସୁରେଶ ପୋଷ୍ଟ ଅଫିସରେ ୩ବର୍ଷ ପାଇଁ ଏଫ୍‌ଡି ଆକାରରେ ଜମା କରିଥିଲେ। ତେବେ ମ୍ୟାଚୁରିଟି ହେବା ପରେ ଟଙ୍କା ପାଇଁ ପୋଷ୍ଟ ଅଫସକୁ ଯିବାରୁ ପୋଷ୍ଟମାଷ୍ଟର ଟଙ୍କା ଜମା ହୋଇନଥିବା କହିଥିଲେ। ସେତେବେଳେ ଯେଉଁ ପୋଷ୍ଟମାଷ୍ଟର ଥିଲେ ସେ ଏହି ଟଙ୍କାକୁ ଚଞ୍ଚକତା କରି ୨ଲକ୍ଷ ଲେଖାଏ ଦୁଇଟି ଖାତା ଦେଇ ହଡ଼ପ କରିଥିଲେ ବୋଲି କହିଥିଲେ। ଏନେଇ ଶହୀଦଙ୍କ ପରିବାର କୋରାପୁଟରେ ଥିବା ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଅଭିଯୋଗ କରିବା ପରେ ଏହା କଲିକତାକୁ ତଦନ୍ତ ପାଇଁ ପଠାଯାଇଥିବା କହିଥିଲେ। ଶେଷରେ ସୁରେଶ ହାଲୱା ମାଲକାନଗିରି ଖାଉଟି ଅଦାଲତର ସହାୟତା ନେଇଥିଲେ। ଖାଉଟି ଅଦାଲତ ସଭାପତି ପି.କେ. ପଣ୍ଡା ଏବଂ ସଦସ୍ୟା ସଲମା ବାନୋ ଦୁଇ ପକ୍ଷର ସମସ୍ତ ଅଭିଯୋଗ ଶୁଣିବା ସହ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ତୁରନ୍ତ ଏଫ୍‌ଡିରେ ଜମା ହୋଇଥିବା ମୂଳ ଟଙ୍କା ସହ ସୁଧ ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ୧୦ ହଜାର ଟଙ୍କା କ୍ଷତି ପୂରଣ ଏବଂ ୧ ହଜାର ଟଙ୍କା ଅଭିଯୋଗକାରୀଙ୍କୁ ହଇରାଣ କରି ଥିବାରୁ ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୩୦ ଦିନ ମଧ୍ୟରେ ଟଙ୍କା ପୈଠ ନ କଲେ ୧୨ ପ୍ରତିଶତ ସୁଧରେ ସମସ୍ତ ଟଙ୍କା ଫେରାଇବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି ।

## ବାଲି ଚୋରା ଚାଲାଣ ବେଳେ ୨ ଟ୍ରକ୍ ଜବତ

ଡାବୁଗାଁ, ୭।୪ (ପ୍ରଜ୍ଞାରଞ୍ଜନ ପରିଡା)




ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଦରଗୁଲା ବାଲିଘାଟରୁ ବାଲି ଚୋରା ଚାଲାଣ ବେଳେ ଜିଲା ଖଣି ବିଭାଗ, ରାଜସ୍ୱ ବିଭାଗ ଓ ପୋଲିସ ମିଳିତ ଚଢାଉ କରି ୨ଟି ଟ୍ରକ ଜବତ କରିଛି। ଦରଗୁଲା ବାଲି ଘାଟରେ ଟ୍ରକ୍ (ନଂ ଓଆର ୧୦ ଏଚ ୩୭୧୮ ଓ ଓଆର ୧୦ ଏଫ ୮୨୫୫) ରେ ବାଲି ବୋଝେଇ କରି ଶନିବାର ଅପରାହ୍ନରେ ବାହାରୁଥିବା ସମୟରେ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ୨ ଟ୍ରକ୍‌କୁ ଜବତ କରିଥିଲେ। ଜବତ ଗାଡିରେ ବାଲି କୋରାପୁଟ ଜିଲାର ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିଲା। ରବିବାର ୨ଟି ଟ୍ରକଠାରୁ ୬୦ହଜାର ଟଙ୍କା ଜରିମାନା ଆଦାୟ କରାଯିବା ପରେ ଗାଡିଗୁଡିକୁ ଛାଡି ଦିଆଯାଇଛି। ଏହି ଚଢାଉରେ ଜିଲା ଖଣି ଅଧିକାରୀ ଆଦିତ୍ୟ ଆଚାର୍ଯ୍ୟ, ତହସିଲଦାର ହରିଓମ ଭୋଇ, ଥାନା ଏଏସ୍ଆଇ ଚନ୍ଦ୍ରଶେଖର ହଜାରୀ ଓ ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

## ଏକାଠି ହେଲେ କୋଣ୍ଡାପରଜା ସମ୍ପ୍ରଦାୟ

ପଟ୍ଟାଙ୍ଗି,୭।୪(ଶରତ ଧଳ)

ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ସେତିକି ବିଭିନ୍ନ ସଙ୍ଗଠନ ଓ ସମ୍ପ୍ରଦାୟ ଏକତ୍ରିତ ହୋଇ ନିଜ ନିଜ ଦାବି ଉପସ୍ଥାପନ କରୁଛନ୍ତି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦରସ୍ଥିତ ଏକ କ୍ଲବ ପରିସରରେ। ପଟ୍ଟାଙ୍ଗି ବ୍ଲକରେ ବସବାସ କରୁଥିବା କୋଣ୍ଡାପରଜା ସମ୍ପ୍ରଦାୟ ଉକ୍ତ କ୍ଲବରେ ଏକାଠି ହୋଇ ରବିବାର ନିଜ କାର୍ଯ୍ୟପନ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ନିଜ ସମ୍ପ୍ରଦାୟର ସଦସ୍ୟଙ୍କୁ ସଚେତନ କରିବା ପାଇଁ ଗୁରୁତ୍ୱ ଦେଇଛନ୍ତି। ସେମାନେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ବିଭିନ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଥିବା ନେଇ ଆଲୋଚନା କରିଥିଲେ। ଏଥିସହ ଉକ୍ତ ସମ୍ପ୍ରଦାୟର ସଦସ୍ୟମାନେ ନିର୍ବାଚନ ସମୟରେ ଯେପରି ଶୋଷଣର ଶିକାର ନ ହୁଅନ୍ତି ସେଥିପ୍ରତି ସଜାଗ ରହିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଉକ୍ତ ସମ୍ପ୍ରଦାୟରର ମଧୁ ପେଦାକାପୁ, ଭଗବାନ ଖରା, ସୁବାଷ ଗାଲୁଙ୍ଗୁ ବଇ, ହରି ବଇ, ସୁନିଲ ପେଦାକାପୁ, ରାଜୁ ସମେଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ନିଜ ମତ ରଖିଥିଲେ।

## କଂଗ୍ରେସ ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା

ଡାବୁଗାଁ, ୭।୪ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଲୋକ ସଭା ଆସନ ନିମନ୍ତେ ଭୁଜବଳ ମାଝି ଓ ଡାବୁଗାଁ ବିଧାନସଭା ଆସନ ପାଇଁ ତାଙ୍କ ଝିଅ ଡା. ଲିପିକା ମାଝିଙ୍କୁ ଦଳୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଡାବୁଗାଁ ବ୍ଲକ କଂଗ୍ରେସ ତରଫରୁ ବ୍ଲକ ସଦର ମହକୁମାସ୍ଥିତ ମେଦନା ରାସ୍ତାରେ ଥିବା ଜଙ୍ଗଲ ନିକଟରେ ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁଙ୍କ ସଭାପତିତ୍ୱରେ ରବିବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ୨ ପ୍ରାର୍ଥୀଙ୍କୁ ଡାବୁଗାଁ ବ୍ଲକ କଂଗ୍ରେସ ତରଫରୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସଭାରେ କଳାହାଣ୍ଡି ଲୋକ ସଭା କଂଗ୍ରେସ ପର୍ଯ୍ୟବେକ୍ଷକ ଦ୍ୱାରିକା ମହାପାତ୍ର, ପାପଡାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ର, କୋଷାଗୁମୁଡାର ବାବୁଲି ବାଗ, ଜୋନ–୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ଜୋନ–୨ ସଭାପତି ବଂଶୀଧର ମାଝି, ବ୍ଲକ ଉପସଭାପତି ଧର୍ମାନନ୍ଦ ନାୟକ ଓ କୁଶ ପନକା, ଉପଦେଷ୍ଟା ବାବି ଜେନା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


ସଭାରେ ଏମ୍‌ପି ପ୍ରାର୍ଥୀ ଭୁଜବଳ ମାଝି ଓ ତାଙ୍କ ଝିଅ ଡା. ଲିପିକା ମାଝିଙ୍କ ସହ ଦଳୀୟ କର୍ମକର୍ତ୍ତା।

# ପାଣି ନାହିଁ ତ ଭୋଟ ନାହିଁ

ପାପଡାହାଣ୍ଡି, ୭।୪(ସ୍ୱପ୍ନଜିତ ପଟ୍ଟନାୟକ)

**ବାମିନିରେ ପାନୀୟ ଜଳ ସଙ୍କଟ**


ନଳକୂପ ନିକଟରେ ମହିଳାଙ୍କ ଭିଡ଼।

ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜଳସ୍ତର ବର୍ତ୍ତମାନ ନିମ୍ନଗାମୀ ହେବାରେ ଲାଗିଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ପଞ୍ଚାୟତ ଅନ୍ତର୍ଗତ ବାମିନି ଗ୍ରାମରେ ଉତ୍କଟ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ନଦୀ, ନାଳ ଓ ପୋଖରୀ ଶୁଖି ଯାଇଥିବାବେଳେ ନଳକୂପରୁ ପାଣି ବାହାରୁନି। ଫଳରେ ପାନୀୟ ଜଳ ପାଇଁ ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ନଳକୂପ ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ମହିଳାମାନେ କହିଛନ୍ତି। ପ୍ରଶାସନ ପକ୍ଷରୁ ଯଦି ତୁରନ୍ତ ଗ୍ରାମର ପାଣି ସମସ୍ୟା ଦୂର ନ ହୁଏ, ତାହେଲେ ଆଗାମୀ ସାଧାରଣ ନିର୍ବାଚନ ବର୍ଜନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ବାମିନି ଗ୍ରାମରେ ପାଖାପାଖି ୧୫୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଏହି ଗ୍ରାମରେ ମାଝୀ ସାହି, ଚିଲି ବୁଟିଆ ସାହି, ଶିରା ସାହି, କଡଭାଟିଆ ସାହି, ବଡ ପୂଜାରୀ ସାହି, ଚୁରା ହାଣ୍ଡିଆ ସାହି, ଚିଲିପଦର ସାହି, ବିନ୍ଧାଣି ସାହି, ହରିଜନ ସାହି, ତଳ ସାହି, ସାନ ପୂଜାରୀ ଏହିଭଳି ମୋଟ ୧୦ଟି ସାହି ଅଛି । ସମସ୍ତ ସାହିରେ ଗୋଟିଏ ଲେଖାଏଁ ମୋଟ ୧୦ଟି ନଳକୂପ ରହିଥିବାବେଳେ ସେଥିରୁ ୫ଟି ଅଚଳ ହୋଇପଡିଛି। ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଥିବାବେଳେ ଅନେକ ସ୍ଥାନରେ ପାଇପ୍ ଫାଟି ଯାଇଥିବାରୁ ସମସ୍ତ ସାହିକୁ ପାଣି ପହଞ୍ଚି ପାରୁନାହିଁ । ସେହିପରି ପ୍ରାୟ ସମୟରେ ବିଦ୍ୟୁତକାଟ୍ ଯୋଗୁଁ ଯେଉଁ କେତେକ ସାହିକୁ ପାଣି ଆସୁଥିଲା ତାହା ମଧ୍ୟ ଆସୁନାହିଁ। ସମସ୍ତ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ନିତ୍ୟକର୍ମ ପାଇଁ ଗ୍ରାମବାସୀ ପେଟଫୁଲା ନାଳ ଉପରେ ନିର୍ଭର କରୁଥିଲେ, କିନ୍ତୁ ବର୍ତ୍ତମାନ ସେହି ନାଳଟି ମଧ୍ୟ ଶୁଖିଲା ପଡ଼ୁଛି। ଗ୍ରାମରେ ୩ଟି ପୋଖରୀ ଥିଲେ ମଧ୍ୟ ତାହା ଶୁଖିଲା ପଡ଼ିଛି। ଆଗକୁ ଗ୍ରୀଷ୍ମ ପ୍ରବାହ ପ୍ରବଳ ହେବାକୁ ଥିବାବେଳେ ଯଦି ଗ୍ରାମର ପାଣି ସମସ୍ୟା ତୁରନ୍ତ ସମାଧାନ ନ ହୁଏ, ତାହେଲେ ଆଗାମୀ ସାଧାରଣ ନିର୍ବାଚନରୁ ନିବୃତ୍ତ ରହିବୁ ବୋଲି ଗ୍ରାମର ବିଷମ୍ବର ବେନିଆ, ତୁଳରାମ ମାଝୀ, ଘନୁଆ ମାଝୀ, ଅଲେଖ ମାଝୀ, ବଳି ଭତରା, ଧନିଆ ଭତରା, ହେମନ୍ତ ଭତରା, ଗୋପୀ ମାଝୀ, ଜଗଦୀଶ ଭତରା, ଅରୁଣ ପୂଜାରୀ, ଉଦୟସିଂ ପୂଜାରୀ, ଦଶମୀ ଭତରା, ଛବି ମାଳା ପୂଜାରୀ, ଫୁଲମତି ଭତରା, ପଦ୍ମିନୀ ମାଝୀ, ଅମ୍ବିକା ପୋନକା ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ସଂକ୍ଷେପରେ

### ରାମ ନବମୀ ପାଳନ କମିଟି ସହ ପ୍ରଶାସନର ବୈଠକ
## ଆଲୋଚନା ବିଫଳ, ପାଳନ କମିଟି ସଦସ୍ୟଙ୍କ କକ୍ଷ ତ୍ୟାଗ

ଜୟପୁର, ୭।୪(ପବନ ପାଣିଗ୍ରାହୀ)

ରାମ ନବମୀ ପାଳନ କମିଟି ସହ ଜୟପୁର ଉପଖଣ୍ଡ ପ୍ରଶାସନର ଏକ ବୈଠକ ରବିବାର ପୌର ପରିଷଦ ସଭା ଗୃହରେ ବସିଥିଲା। ଉପ ଜିଲାପାଳ ପ୍ରଭାତ ପରିଡା, ଏସ୍‌ଡିପିଓ ଅଙ୍କିତ ବର୍ମା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ଓ ରାମନବମୀ ପାଳନ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। କମିଟି ସଦସ୍ୟମାନେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଧୁମ ଧାମରେ ରାମନବମୀ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ମାତ୍ର ବର୍ତ୍ତମାନ ନିର୍ବାଚନ ଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ପ୍ରଶାସନ ପ୍ରଣୟନ କରିଥିବା କେତେକ ନିୟମ ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ପ୍ରଶାସନ ପକ୍ଷରୁ ପାୱାର ହାଉସ ଛକ ହନୁମାନ ମନ୍ଦିରରୁ ଶୋଭାଯାତ୍ରା ନ ବାହାରି ରଜାନହରରୁ ବାହାରିବା, ଅପରାହ୍ନ ୩ଟାରୁ ଶୋଭାଯାତ୍ରା ବାହାରି ରାତି ୭ଟାରେ ଶେଷ କରିବା, ଶୋଭାଯାତ୍ରାରେ ମାରଣାସ୍ତ୍ର ସାମିଲ ନକରିବା, ଡିଜେକୁ ଶୋଭାଯାତ୍ରାରେ ସାମିଲ ନ କରିବା, ୬୫ ଡେସିମେଲରୁ ଅଧିକ ସାଉଣ୍ଡ ହେବାପରି ବାଦ୍ୟଯନ୍ତ୍ର ବ୍ୟବହାର ନକରିବାକୁ ପ୍ରଶାସନ କରିଥିବା ନିୟମ ସମ୍ପର୍କରେ କମିଟି ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା। ଏହାକୁ କମିଟିର ସଦସ୍ୟମାନେ ଗ୍ରହଣ କରି ନ ଥିଲେ। ସେମାନେ ପ୍ରଶାସନର ଏପରି ନିଷ୍ପତ୍ତିକୁ ବିରୋଧ କରି କକ୍ଷ ତ୍ୟାଗ କରି ଚାଲି ଯାଇଥିଲେ। ପରେ ଆଲୋଚନା କରୁଥିବା ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଉଠି ଚାଲି ଯାଇଥିଲେ। ସୂଚନାଯୋଗ୍ୟ, ରାମନବମୀ ପାଳନ ନେଇ କମିଟିର ଏହା ଦ୍ୱିତୀୟ ବୈଠକ ଥିଲା।

## ଗାଈ ଚୋରି ଘଟଣାରେ ୩ ଗିରଫ

ସୁନାବେଡା,୭।୪(କୃତ୍ତିବାସ ପ୍ରଧାନ)

କିଛି ଦିନ ହେବ ସୁନାବେଡା ଥାନା ଅଧିନ ସୁନାବେଡା ଓ ସେମିଳିଗୁଡା ଉଭୟ ସହରରୁ ଗାଈ ଚୋରି ହେଉଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ସୁନାବେଡା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ବିନ୍ମୟ ପାତ୍ର, ଏଏସ୍‌ଆଇ ବାଳକୃଷ୍ଣ ରଥ, ଏଏସ୍‌ଆଇ ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କୁ ନେଇ ଏକ ଟିମ ଗଠନ କରାଯାଇ ତଲାସି ଜାରି ରହିଥିଲା। ରବିବାର ପୋଲିସ ସୁରାକ ପାଇ ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସେମିଳିଗୁଡା କାକିଗାଁ ଅଞ୍ଚଳର ଈଶ୍ୱର ଟାକ୍ରି ଓରଫ ଆକାଶ (୨୫), ରଞ୍ଜିତ ବାରିକ (୨୪) ଓ ପଟ୍ଟାଙ୍ଗି ଥାନା ଅଧୀନ ପୁକାଳି ଅଞ୍ଚଳର ଡମ୍ବରୁ ପଡାଲ(୪୮)। ସେମାନଙ୍କଠାରୁ ପୋଲିସ ୧୯୭୦ ଟଙ୍କା ଓ ୩ ମୋବାଇଲ ଜବତ କରିଛି। ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପାତ୍ର କହିଛନ୍ତି। କେସ୍ ନଂ. ୭୩/୨୪ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି ।

# ପ୍ରାର୍ଥିତ୍ୱକୁ ନେଇ ଆଦିବାସୀଙ୍କ ବିରୋଧ

### ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ

ସେମିଳିଗୁଡା/ସୁନାବେଡା, ୭।୪
(ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)


ବୈଠକରେ ଏକାଠି ହୋଇଥିବା ଆଦିବାସୀମାନେ।

ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ଭାଜପାର ଦଳୀୟ ପ୍ରାର୍ଥିତ୍ୱକୁ ନେଇ ପ୍ରତିବାଦର ସ୍ୱର ଉଠାଇଛି ମିଳିତ ଆଦିବାସୀ ବିକାଶ ପରିଷଦ। ସେମିଳିଗୁଡାର ବେହେରାଗୁଡାସ୍ଥିତ ଗୁଡ଼ି ଯାତ୍ରା ପାହାଡ଼ ଉପରେ ରବିବାର ପରିଷଦର ଆୟୋଜିତ ଏକ ବୈଠକରେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ଅଧୀନ ସେମିଳିଗୁଡା, ପଟ୍ଟାଙ୍ଗି ଓ ନନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ କନ୍ଧ, ପରଜା ଓ ଗଦବା ସମ୍ପ୍ରଦାୟର ଆଦିବାସୀମାନେ ଏକତ୍ରିତ ହୋଇ ନିର୍ବାଚନ ମଣ୍ଡଳୀରେ ରହିଥିବା ବିଭିନ୍ନ ସମସ୍ୟା ନେଇ ସ୍ୱର ଉଠାଇଥିଲେ। ସେମାନଙ୍କ କହିବାନୁଯାୟୀ, ଆଗାମୀ ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣାରେ ଅନିୟମିତତା ରହିଛି, ଯାହା ଆଦିବାସୀ ସମ୍ପ୍ରଦାୟକୁ ଆଘାତ ଦେଇଛି। ଏହି ନିର୍ବାଚନ ମଣ୍ଡଳୀଟି ଆଦିବାସୀଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ବେଳେ ଭାଜପା ପକ୍ଷରୁ କିପରି ଏହାକୁ ଅଣ ଆଦିବାସୀଙ୍କ ହାତକୁ ଟେକି ଦେଲେ ସେନେଇ ବିକାଶ ପରିଷଦ ପ୍ରଶ୍ନ ଉଠାଇଛି। ଏହା ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେଣୁ ଏଭଳି ପ୍ରାର୍ଥିତ୍ୱକୁ ସେମାନେ କେବେ ସ୍ୱୀକାର କରିବେ ନାହିଁ ବୋଲି ଜଣାଇଛନ୍ତି। ଏହି ପ୍ରାର୍ଥିତ୍ୱକୁ ପ୍ରତ୍ୟାହାର କରିବାକୁ ବିକାଶ ପରିଷଦ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ବିଜେଡି, ଭାଜପା ଓ କଂଗ୍ରେସ ଯେଉଁ ଦଳର ପ୍ରାର୍ଥୀ ଯିଏ ହୁଅନ୍ତୁ ନା କାହିଁକି ବର୍ତ୍ତମାନ ସମୟ ଆସିଛି ଯିଏ ଆଦିବାସୀ ସମ୍ପ୍ରଦାୟ ପାଇଁ କାମ କରିବ ଆମେ ତାଙ୍କୁ ହିଁ ନିର୍ବାଚନରେ ଜିତେଇବୁ ବୋଲି କହିଥିଲେ। ବର୍ତ୍ତମାନର ବିଧାୟକଙ୍କଠାରୁ ଆରମ୍ଭ କରି ବିଗତ ଦିନରେ ଏହି ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିବା ପ୍ରାର୍ଥୀମାନେ ଆମ ଆଦିବାସୀଙ୍କ ଉନ୍ନତି ଲାଗି କ'ଣ କରିଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ କୋରାପୁଟ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରାର୍ଥୀ ଚୟନ କେନ୍ଦ୍ରୀୟ କମିଟି ନିର୍ଣ୍ଣୟ କରନ୍ତି। ସେମାନେ ଆଣିଥିବା ଅଭିଯୋଗ ଭିତ୍ତିହୀନ। ଏଥିରେ କୌଣସି ବ୍ୟତିକ୍ରମ ହୋଇନାହିଁ। ଜଣେ ପ୍ରାର୍ଥୀଙ୍କ ସମସ୍ତ ଦସ୍ତାବିଜ ଯାଞ୍ଚ ପରେ ହିଁ ଦଳୀୟ ଟିକେଟ ପ୍ରଦାନ କରାଯାଏ। ତାଛଡା ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ସମସ୍ତେ ବିରୋଧ କରିପାରିବେ ଏଥିରେ କାହାକୁ ବାଧା ଦିଆଯାଇପାରିବ ନାହିଁ ବୋଲି ସେ କହିଥିଲେ। ବୈଠକରେ ମିଳିତ ଆଦିବାସୀ ବିକାଶ ପରିଷଦର ସଭାପତି ପ୍ରଭାତ ଗୁରୁମାଇ, ସୁରଜ କୁମାର, ଭଗବାନ ପେଟିଆ, ଲକ୍ଷ୍ମଣ ଦିଶାରୀ, ପ୍ରେମ ଦୟା ଦିଶାରୀଙ୍କ ସମେତ ଶତାଧିକ ଆଦିବାସୀ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଆସନଟି ଜନଜାତି (ଏସ୍‌ଟି) ବର୍ଗ ପାଇଁ ସଂରକ୍ଷିତ ରହିଛି। ମାତ୍ର ଭାଜପା ପକ୍ଷରୁ ଏହି ଆସନରେ ଏସି ବର୍ଗର ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଯାହାକୁ ନେଇ ବିକାଶ ପରିଷଦ ପକ୍ଷରୁ ପ୍ରଶ୍ନ ଉଠାଯାଇଛି।

## ଯୁବକମାନେ ଦେଶୀମଦ ଭାଟି ଭାଙ୍ଗିଲେ

ଦଶମନ୍ତପୁର, ୭।୪ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତର ରତାବନ୍ଧ ଗ୍ରାମର ଯୁବକମାନେ ଦେଶୀମଦ କାରବାରକୁ ବିରୋଧ କରି ରବିବାର ଗ୍ରାମ ନିକଟରେ ଥିବା ମଦଭାଟି ଭାଙ୍ଗିବା ସହ ୩ ଡ୍ରମ ମଦପୋଚ ନଷ୍ଟ କରି ଦେଇଛନ୍ତି। ଗ୍ରାମ ରାସ୍ତା ପାର୍ଶ୍ୱରେ ଦୀର୍ଘ ଦିନ ହେଲା ରହିଥିବା ଏହି ମଦଭାଟିରୁ ଭାଟି ମାଲିକ ଦେଶୀମଦ ପ୍ରସ୍ତୁତ କରି ଆଖପାଖ ଗ୍ରାମରେ ବିକ୍ରି କରିଆସୁଥିଲେ। ଭାଟି ବନ୍ଦ କରିବାକୁ ସ୍ଥାନୀୟ ଲୋକେ ତାଙ୍କୁ ବହୁବାର ଅନୁରୋଧ କରି ଆସୁଥିଲେ। ମାତ୍ର ମଦ ବ୍ୟବସାୟୀ ଜଣକ ଗ୍ରାମବାସୀଙ୍କ କଥାକୁ ଅଣଦେଖା କରୁଥିଲେ। ତେବେ କିଛି ଦିନ ହେଲା ଗ୍ରାମରେ କେତେ ଜଣ ଗ୍ରାମବାସୀ ଭାଟିରୁ ମଦପିଇ ଘରକୁ ଆସି ନିଶାସକ୍ତ ଅବସ୍ଥାରେ ପରିବାରରେ ଅଶାନ୍ତି ସୃଷ୍ଟି କରୁଥିଲେ। ଏପରିକି ସେମାନେ ଘରେ ଥିବା ଖାଦ୍ୟ ସାମଗ୍ରୀ ଓ ଖାଦ୍ୟ ଶସ୍ୟ ବିକ୍ରି କରି ମଦ ପିଉଥିଲେ। ଏହା ଜାଣି ଗ୍ରାମର କିଛି ଯୁବକ ଅନେକ ଥର ବୈଠକ କରି ଭାଟି ମାଲିକଙ୍କୁ ଭାଟି ବନ୍ଦ କରିବା ନେଇ ବୁଝାଇ ଆସୁଥିଲେ ହେଁ ମାଲିକ ଶୁଣୁ ନ ଥିଲେ। ଶନିବାର ଭଦଭାଟି ମାଲିକ ଗ୍ରାମର ଯୁବକଙ୍କ ସହ ମୋ ଦେଶୀମଦ ଭାଟି କାହିଁକି ବନ୍ଦ କରିବି ବୋଲି କହି ଝଗଡ଼ା କରିଥିଲେ। ରବିବାର ଗ୍ରାମର ଯୁବକମାନେ ଏକାଠି ହୋଇ ଏହି ଦେଶୀମଦ ଭାଟିରେ ପହଞ୍ଚି ଭାଟି ଭାଙ୍ଗିବା ସହ ମଦ ରନ୍ଧା ସରଞ୍ଜାମ ନଷ୍ଟ କରି ଦେଇଛନ୍ତି। ୩ ଡ୍ରମ ମଦପୋଚ ନଷ୍ଟ କରିଦେଇଥିବା ଜଣାପଡ଼ିଛି। ତେବେ ଅବକାରୀ ବିଭାଗ ଅଧିକାରୀମାନେ ଦେଶୀମଦ ଭାଟିପାଇଁ ହାତଗୁଞ୍ଜା ନେଇ ମଦ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ଅଭିଯୋଗ କରି ଆମ ଗ୍ରାମରେ ଦେଶୀ ମଦ ବିକ୍ରି ବନ୍ଦ ନ ହେଲେ ଆମେ ଜିଲାପାଳଙ୍କୁ ଭେଟିବୁ ବୋଲି ଚେତାବନୀ ଦେଇଛନ୍ତି।


ଗ୍ରାମର ଯୁବକମାନେ ଭାଙ୍ଗି ଦେଇଥିବା ମଦଭାଟି।

## ୫ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ପରିବେଷଣ କଲେ ନାଟକ


ନାଟକ 'ସଚେତନ'ର ଏକ ଦୃଶ୍ୟ

ଦାମନଯୋଡି,୭।୪ (ମାନସ ରଞ୍ଜନ କର)

- ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟା
- ବିଦ୍ୟାଳୟସ୍ତରୀୟ ନାଟକ ସମାରୋହ 'ଉନ୍ମେଷ' କାର୍ଯ୍ୟକ୍ରମ

ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟାରେ ବିଦ୍ୟାଳୟସ୍ତରୀୟ ନାଟକ ସମାରୋହ 'ଉନ୍ମେଷ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୫ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମାଜ ସଚେତନତାମୂଳକ ନାଟକ ପରିବେଷଣ କରିଥିଲେ। ମାଥାଲପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ନାଟକ 'ସଚେତନ' ପରିବେଷଣ କରିଥିବା ବେଳେ ଭେଜାପୁଟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର'ଆଦର୍ଶ ଛାତ୍ର', ଲିଟିଗୁଡା ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ 'ସୁନାର ଦେଶ ଆମ ଭାରତବର୍ଷ' , ଦାମନଯୋଡି ଦିଲ୍ଲୀ ପବ୍ଲିକ ସ୍କୁଲ 'ଅଭ୍ୟାନା' ଏବଂ ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରୀମାନେ 'କଳି ତାମସାରେ ଶ୍ରୀହର' ନାଟକ ପରିବେଷଣ କରିଥିଲେ। ନାଟ୍ୟ ମହୋତ୍ସବ ପକ୍ଷରୁ ପୂର୍ବାହ୍ନରେ ଏକ ନାଟକ ଆଲୋଚନା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଓଡିଆ ଅଧ୍ୟାପକ ତଥା ବିଶିଷ୍ଟ ନାଟ୍ୟକାର ଡ. ନାରାୟଣ ସାହୁଙ୍କୁ ପଞ୍ଚପଟ୍ଟମାଳି ନାଟ୍ୟ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା। ମହୋତ୍ସବର ଏହି ୫ମ ସନ୍ଧ୍ୟାରେ ନାଲ୍‌କୋର ସମୂହ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତାଙ୍କ ସହ ବରିଷ୍ଠ ଅଧିକାରୀମାନେ ଅତିଥି ରୂପେ ଯୋଗ ଦେଇଥିଲା ନିର୍ମଳ ରାଉତ ଓ ଶ୍ରୀଧର ପରିଡା ମଞ୍ଚ ସଂଯୋଜନା କରିଥିଲେ। ନାଟ୍ୟ ମହୋତ୍ସବର ସଭାପତି ନିରାକାର ନାୟକ, ସମ୍ପାଦକ ଶିଶିର ମିଶ୍ରଙ୍କ ସମେତ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡି ପକ୍ଷରୁ ଦାମନଯୋଡ଼ିରେ ଜନସମ୍ପର୍କ କାର୍ଯ୍ୟକ୍ରମ

ଦାମନଯୋଡ଼ି,୭।୪ (ମାନସ ରଞ୍ଜନ କର)

ଦିନକୁ ଦିନ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳର ଦଳୀୟ ନେତାମାନେ ଲୋକସମ୍ପର୍କ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ଦେଖିବାକୁ ମିଳୁଛି। ପଟ୍ଟାଙ୍ଗି ବିଧାନସଭା କ୍ଷେତ୍ର ପାଇଁ ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ପାଙ୍ଗିଙ୍କ ସହ କୋରାପୁଟ ଲୋକ ସଭା ପ୍ରାର୍ଥୀ କୌଶଲ୍ୟା ହିକ୍କା ରବିବାର ଦାମନଯୋଡ଼ି ଅଞ୍ଚଳରେ ଲୋକସମ୍ପର୍କ କାର୍ଯ୍ୟକ୍ରମ କରିଥିବା ଦେଖିବାକୁ ମିଳିଛି। ଦାମନଯୋଡ଼ିର ଆରାଧ୍ୟା ଦେବୀ ମା'କଣ୍ଟାବାଉଶୁଣୀଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପରେ ଉଭୟେ ଶୋଭାଯାତ୍ରା କରି ଅଞ୍ଚଳର ବିଭିନ୍ନ ଗ୍ରାମ ଗସ୍ତ କରିଥିଲେ। ଚଳିତ ନିର୍ବାଚନରେ ବିଜେଡିକୁ କିପରି ଅଧିକରୁ ଅଧିକ ଭୋଟ ମିଳିପାରିବ ସେ ବିଷୟରେ କର୍ମୀ ଓ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡିର ଜିଲା ସଭାପତି ତଥା ପୂର୍ବତନ ଏମ୍‌ପି ଝିନ୍ନ ହିକ୍କା ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସାମିଲ ହୋଇଥିଲେ।

## ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୭।୪ (ପବନ ପାଣିଗ୍ରାହୀ)

ଜଣେ ଫେରାର ଅଭିଯୁକ୍ତକୁ ଜୟପୁର ଟାଉନଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ସୁନାରିସାହିର ସୟଦ ଫିରୋଜ (୪୨)।

## ବୋଲେରୋ ସିକ୍ରେଟ ଚାମ୍ବରରୁ ୧କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ



ସିକ୍ରେଟ୍ ଚାମ୍ବରରୁ ଜବତ ଗଞ୍ଜେଇ।

କୋରାପୁଟ/ନନ୍ଦପୁର, ୭।୪
(ଅମିତାଭ ବେହେରା/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ଉପଖଣ୍ଡ ନନ୍ଦପୁର ପୋଲିସ ଗାଡିମୋଟର ଯାଞ୍ଚ ବେଳେ ଏକ ବୋଲେରୋ (ଏପି ୩୦ ଟି-୫୬୯୧)ର ସିକ୍ରେଟ ଚାମ୍ବରରୁ ୧ କୁଇଣ୍ଟାଲ ୨୦ କିଲୋ ଗଞ୍ଜେଇ ଜବତ କରିଛି। ତେବେ ପୋଲିସକୁ ଦେଖି ଗାଡ଼ି ଛାଡ଼ି ଚାଲାଣକାରୀ ଚାଳକ ଖସି ପଳାଇଥିବା ଏସଡିପିଓ ସମ୍ବିତ ମାଝୀ କହିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଗୋଇନ୍ଦା ସୂଚନା ଆଧାରରେ ନନ୍ଦପୁର ପୋଲିସକୁ ଦୁଇ ଭାଗରେ ବିଭକ୍ତ ହୋଇ ଆନ୍ଧ୍ର ନମ୍ବର ବିଶିଷ୍ଟ ଉକ୍ତ ବୋଲେରୋକୁ ପିଛା କରିଥିଲେ। ଗାଡ଼ିଟି ଶଗର ଦେଇ ନନ୍ଦପୁର ଅଭିମୁଖେ ଆସୁଥିବା ବେଳେ ପୋଲିସ ଟିମ୍ ସାତସମିଳି ଗ୍ରାମ ନିକଟରେ ଜଗି ରହିଥିବା ଦୂରରୁ ଦେଖି ଗାଡ଼ି ଚାଳକ ବୋଲେରୋ ଛାଡ଼ି ଖସି ପଳାଇଥିଲେ। ଗାଡି ନିକଟରେ ପୋଲିସ ପହଞ୍ଚି ସେଥିରେ ସିକ୍ରେଟ ଚାମ୍ବର କରାଯାଇ ଗଞ୍ଜେଇ ଗଚ୍ଛିତ ଥିବା ଦେଖି ଗାଡିକୁ ଥାନାକୁ ଆଣିଥିଲେ। ଥାନାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇ ଓଜନ କରିବାରୁ ୧ କୁଇଣ୍ଟାଲ ୨୦ କିଲୋ ହୋଇଥିଲା। କେସ ନଂ. ୪୭/୨୪ରେ ମାମଲା ରୁଜୁ କରି ଗଞ୍ଜେଇ ଓ ବୋଲେରୋକୁ ଜବତ କରାଯାଇଛି। ଥାନା ଅଧିକାରୀ ମମତା ପଣ୍ଡା ମାମଲାର ତଦନ୍ତ କରୁଥିବା ଏସ୍‌ଡିପିଓ ମାଝୀ ସୂଚନା ଦେଇଛନ୍ତି। ଚଢାଉ ଟିମ୍‌ରେ ଏସ୍‌ଆଇ ବେଦୋବର ସାହୁ, ଏଏସ୍‌ଆଇ ଜି.ଗୌଡ, ରାଣୀତୋଟା ଫାଣ୍ଡି ଅଧିକାରୀ ସଞ୍ଜୟ ମଣ୍ଡଳ ପ୍ରମୁଖ ସାମିଲ ହୋଇଥିଲେ। ତେବେ ଏହି ଗାଡ଼ିର ନମ୍ବର ଓ ଚେଚିସ ନମ୍ବର ମେଳ ଖାଉ ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## କୁକୁଡ଼ାଛୁଆ ଘରେ ପଶିବାକୁ ନେଇ ଆକ୍ରମଣ
# ବାପ ମୃତ, ପୁଅ ଗୁରୁତର

ଦାମନଯୋଡ଼ି, ୭।୪ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡ଼ି ଥାନା ଅନ୍ତର୍ଗତ ମାଥାଲପୁଟ ହାଟପଦା ଅଞ୍ଚଳରେ ରହୁଥିବା ରବି ପାତ୍ରଙ୍କ କୁକୁଡ଼ାଛୁଆ ପଡ଼ୋଶୀ ସଞ୍ଜୀବ ଗୌଡ଼ଙ୍କ ଘରେ ପଶିଯିବା ଘଟଣାକୁ କେନ୍ଦ୍ରକରି ଶନିବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସଞ୍ଜୀବଙ୍କ ଆକ୍ରମଣରେ ରବି(୬୫) ଓ ତାଙ୍କ ପୁଅ ମନୋଜ(୧୫) ଗୁରୁତର ହୋଇଥିଲେ। ରବିବାର ରବିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତ ସଞ୍ଜୀବଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ଖବରରୁ ଜଣାପଡ଼ିଛି, ସଞ୍ଜୀବ ଓ ରବି ଗୋଟିଏ ସାହିରେ ବାସ କରନ୍ତି। ଶନିବାର ସନ୍ଧ୍ୟାରେ ରବିଙ୍କ କୁକୁଡ଼ାଛୁଆ ସଞ୍ଜୀବଙ୍କ ଘର ଭିତରକୁ ପଶିଯାଇଥିଲା। ଏହି କୁକୁଡ଼ାଛୁଆକୁ ସଞ୍ଜୀବଙ୍କ ଝିଅ ଗୋଡ଼ରେ ଚାପି ଦେଇଥିଲେ। ଏହାକୁ ନେଇ ସଞ୍ଜୀବ ଓ ରବିଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ହୋଇଥିଲା। ସଞ୍ଜୀବ ଏକ କାଠଫାଳିଆରେ ରବିଙ୍କୁ ଆକ୍ରମଣ କରିଥିଲେ। ଏହିସମୟରେ ତାଙ୍କ ପୁଅ ମନୋଜ ପହଞ୍ଚିବାରୁ ତାଙ୍କୁ ମଧ୍ୟ ସଞ୍ଜୀବ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ତେବେ ରବିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଥିଲା। ବିଶାଖାପାଟଣାରୁ ଡାକ୍ତର ରବିଙ୍କୁ ଫେରାଇ ଦେବାରୁ ପୁନର୍ବାର ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ଅଣାଯାଇଥିଲା। ସେଠାରେ ରବିଙ୍କ ମୃତ୍ୟୁ ଘଟିଛି। ଘଟଣାକୁ କେନ୍ଦ୍ରକରି ମୃତକଙ୍କ ପରିବାର ଲୋକେ ଦାମନଯୋଡ଼ି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ମୃତକଙ୍କ ପରିବାର କ୍ଷତିପୂରଣ ଦାବି କରିବାରୁ ସେମାନଙ୍କ ସହ ଆଲୋଚନା ଚାଲିଥିବା ଖବର ହସ୍ତଗତ ହୋଇଛି।

## ରାମଧ୍ୱନିରେ ପ୍ରକମ୍ପିତ ହେଲା ସୁନାବେଡ଼ା, ସେମିଳିଗୁଡ଼ା

ସୁନାବେଡ଼ା,ସେମିଳିଗୁଡ଼ା,୭।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)


ଆରଏସ୍‌ଏସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ତଥା ରାମ ନବମୀ ପାଳନ ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଆହ୍ୱାନରେ ଏକ ଶୋଭାଯାତ୍ରା ରବିବାର ସୁନାବେଡା ଓ ସେମିଳିଗୁଡା ସହର ପରିକ୍ରମା କରିଛି। ଶୋଭାଯାତ୍ରାରେ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ରାମନାମ ସଂକୀର୍ତ୍ତନ ସହ ଜୟ ଶ୍ରୀରାମ ଧ୍ୱନିରେ ସହର ପରିବେଶ ମୁଖରିତ ହୋଇଉଠିଥିଲା। ଶୋଭାଯାତ୍ରା ସେମିଳିଗୁଡା ବ୍ଲକ ସମ୍ମୁଖ କପିଳେଶ୍ୱର ଶିବ ମନ୍ଦିରଠାରୁ ବାହାରି ସୁନାବେଡା-୧ସ୍ଥିତ ଏଇଏଫ୍ ଦଶହରା ପଡିଆରେ ଶେଷ ହୋଇଥିଲା। ସେଠାରେ ଏକ ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ହିନ୍ଦୁ ସଙ୍ଗଠନର ସଦସ୍ୟଙ୍କ ସହ ଆରଏସ୍‌ଏସ୍‌ର ୧୦ ହଜାରରୁ ଉର୍ଦ୍ଧ୍ୱ ସ୍ୱୟଂ ସେବକ ସାମିଲ ହୋଇଥିଲେ।

## ପିତମଙ୍କ ସମର୍ଥକ ପ୍ରଫୁଲ୍ଲଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ

ପଟ୍ଟାଙ୍ଗି,୭।୪(ଶରତ ଧଳ)

ଦଳୀୟ ଟିକେଟ ପାଇବା ନେଇ ଆଶାୟୀ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ନିଜ ନିଜ ସ୍ତରରେ ଚେଷ୍ଟା କରି ବିଫଳ ହେବା ପରେ ଦଳର ନିଷ୍ପତ୍ତିକ୍ରମେ ଟିକେଟ ପାଇଥିବା ପ୍ରାର୍ଥୀଙ୍କୁ ନିଜ ସମର୍ଥନ ଜଣାଇବା ପରି ଘଟଣା ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି। ଖବରରୁ ଜଣାପଡିଛି, ବିଜେଡି ଟିକେଟ ପାଇଁ ବିଧାୟକ ପିତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ଓ ଜିଲା ପରିଷଦ ସଭ୍ୟ ଲଇଚନ ଖରା ଆଶାୟୀ ଥିଲେ। ଟିକେଟ ପାଇବାକୁ ସମର୍ଥକମାନଙ୍କ ସହ ବହୁ ଉଦ୍ୟମ କରିଥିଲେ। ଶେଷରେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗିଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲେ। ଦଳର ଏପରି ନିଷ୍ପତ୍ତିକୁ ବିଧାୟକ ପାଢ଼ୀଙ୍କ ସମର୍ଥକମାନେ ସହଜରେ ଗ୍ରହଣ କରିପାରି ନଥିଲେ। ସେମାନେ ନିଜ ନିଜ ମଧ୍ୟରେ ଚୁପ ରହିଥିଲେ। ମାତ୍ର ପଟ୍ଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ପାଇଥିବା ପୂର୍ବତନ ବିଧାୟକ ପାଙ୍ଗି ଏବଂ ଲୋକ ସଭା ଟିକେଟ ପାଇଥିବା କୌଶଲ୍ୟା ହିକକା ରବିବାର ଭୁବନେଶ୍ୱରରୁ ଫେରି ପଟ୍ଟାଙ୍ଗି ବ୍ଲକସ୍ଥିତ ହନୁମାନ ମନ୍ଦିରଠାରେ ପହଞ୍ଚିଥିଲେ। ଏହିସମୟରେ ଅପେକ୍ଷାରତ ପ୍ରଫୁଲ୍ଲଙ୍କ ସମର୍ଥକଙ୍କ ଗହଣରେ ପିତମଙ୍କ ସମର୍ଥକମାନେ ସାମିଲ ହୋଇ ଦୁଇ ପ୍ରାର୍ଥୀଙ୍କୁ ଏକ ଶୋଭାଯାତ୍ରାରେ ପାଛୋଟି ନେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ସରପଞ୍ଚ ଆଲମେ ଫୁଲଙ୍କ ସମେତ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ନନ୍ଦପୁର, ସେମିଳିଗୁଡା ବ୍ଲକର ଶତାଧିକ କର୍ମୀ ସାମିଲ ହୋଇଥିଲେ।


ପଟ୍ଟାଙ୍ଗି ବ୍ଲକ ହନୁମାନ ମନ୍ଦିରଠାରୁ ବାହାରିଥିବା ଶୋଭାଯାତ୍ରା ।

# ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରକ ଜଳିଗଲା

କୋଟପାଡ଼,୭।୪ (କେ. ରାଜ ଶେଖର ରାଓ)



କୋରାପୁଟ ଜିଲ୍ଲା କୋଟପାଡ଼ ମହାବିଦ୍ୟାଳୟ ନିକଟସ୍ଥ ୬୩ ନଂ. ଜାତୀୟ ରାଜପଥର ପେଟ୍ରୋଲ ଟାଙ୍କି ନିକଟରେ ରବିବାର ଅପରାହ୍ନରେ ରାସ୍ତା ପାର୍ଶ୍ୱରେ ଅଟକିରହିଥିବା ଏକ ଟ୍ରକରେ ନିଆଁ ଲାଗି ଜଳିଯାଇଛି। ଟ୍ରକ କ୍ୟାବିନରେ ଡ୍ରାଇଭର ଏକ ଗ୍ୟାସ ଚୁଲାରେ ରୋଷେଇ କରୁଥିବା ସମୟରେ ହଠାତ ଟ୍ରକରେ ନିଆଁ ଲାଗିଯିବାରୁ ଡ୍ରାଇଭର ଗାଡ଼ିରୁ ଡେଇଁ ପଡ଼ିଥିଲେ। ତେବେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀମାନେ ଟ୍ରକରେ ନିଆଁ ଲାଗିଥିବା ଦେଖି କୋଟପାଡ଼ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଟ୍ରକଟି ୫୦ ପ୍ରତିଶତ ପୋଡ଼ିଯାଇଥିଲା। ଟ୍ରକରୁ ଏକ ୧୫ କେଜି ଓଜନର ଗ୍ୟାସ ଟାଙ୍କି ଉଦ୍ଧାର କରାଯାଇଛି । ଯଦି ଏହି ଗ୍ୟାସ ଟାଙ୍କିରେ ନିଆଁ ଲାଗି ଯାଇଥାନ୍ତା ତେବେ ବଡ଼ଧରଣର ଅଘଟଣ ଘଟିଥାନ୍ତା ବୋଲି କୁହାଯାଉଛି। କୋଟପାଡ଼ ଅଞ୍ଚଳରୁ ନୀଳଗିରି କାଠ ନେବାକୁ ଟ୍ରକଟି ଆସିଥିଲା। ଅନ୍ୟପକ୍ଷରେ ସାମାନ୍ୟ ଆହତ ହୋଇଥିବା ଟ୍ରକ ଡ୍ରାଇଭର କହନ୍ତି, ସେ କ୍ୟାବିନ ଭିତରେ ରୋଷେଇ କରୁଥିବା ସମୟରେ ଇଞ୍ଜିନ ତଳୁ ଶଟ ସର୍କିଟ ହୋଇ ନିଆଁ ଲାଗି ଟ୍ରକ ଜଳିଯାଇଥିଲା। ଏହା ଦେଖି ସେ ଟ୍ରକରୁ ଡେଇଁ ପଡ଼ିଥିଲେ। ଯାତାୟାତ କରୁଥିବା ଯାତ୍ରୀମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଟ୍ରକଟି ଝରିଗାଁ ଅଞ୍ଚଳର ବୋଲି ଜଣାପଡ଼ିଛି।

## ଅବକାରୀ ଚଢ଼ାଉ, ଜଣେ ଗିରଫ

ଡାବୁଗାଁ, ୭।୪ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ର ଓ ଜିଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ତରଫରୁ ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ରବିବାର ପାଟ୍ରୋଲିଂ କରି ଚଢାଉ କରାଯାଇଥିଲା। ଏହି ପାଟ୍ରୋଲିଂ ସମୟରେ ବାନୁଆଗୁଡା ଗ୍ରାମ ରାସ୍ତାରେ ଏକ ମୋଟର ସାଇକେଲ (ନଂ ଓଡି ୨୪ ବି ୯୩୨୨) ଯୋଗେ ଯାଉଥିବା ବେଳେ ଅବକାରୀ କର୍ମଚାରୀମାନେ ଉକ୍ତ ମୋଟର ସାଇକେଲକୁ ଅଟକାଇ ଯାଞ୍ଚ କରିବାରୁ ଏକ ପ୍ଲାଷ୍ଟିକ ଡବାରେ ୩୦ ଲିଟର ସଲପିଁ ରସ ଜବତ କରାଯାଇଥିଲା। ଏହାସହ ମୋଟର ସାଇକେଲ ଚାଳକ ବାର୍ଲି ଗ୍ରାମର ସନ୍ତୋଷ ଜାନୀ (୨୨)ଙ୍କୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ ରଞ୍ଜୁଲତା ବାରିକଙ୍କ



ତତ୍ତ୍ୱାବଧାନରେ ଏହି ଚଢାଉରେ ଡାବୁଗାଁ ଅବକାରୀ ଇଉପିଏ ନିରୀକ୍ଷକ ବୁଲୁ ପାତ୍ର, ସହ ଉପ ନିରୀକ୍ଷକ ଏସ. କେ ପଣ୍ଡା, କର୍ମଚାରୀ ସୁରେଖା ଭତ୍ରା ଓ ଶ୍ରୀକାନ୍ତ ବିଶୋୟୀ ପ୍ରମୁଖ ସାମିଲ ଥିଲେ । ଏନେଇ ଡାବୁଗାଁ ଅବକାରୀ କାର୍ଯ୍ୟାଳୟ କେସ ନଂ ୫/୨୦୨୪-୨୫ ରେ ଏକ ମାମଲା ରୁଜୁ କରାଯାଇଛି ।

# ନଳକୂପରୁ ବାହାରୁନି ପାଣି, ଝରଣା ଭରସା

- ଗୁମ୍ମା ପଞ୍ଚାୟତ କଲୋନୀ ସାହିରେ ପାନୀୟ ଜଳ ସଙ୍କଟ
- ସୋଲାର ପମ୍ପ ସ୍ଥାପନ ପାଇଁ ଗ୍ରାମବାସୀଙ୍କ ଦାବି
- ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ ଚେତାବନୀ

ରାୟଗଡ଼ା,୭।୪(ଆଶିଷ ରଞ୍ଜନ ପଣ୍ଡା)



ମହିଳାମାନେ ଝରଣାରୁ ପାଣି ସଂଗ୍ରହ କରି ଆଣୁଛନ୍ତି ।

ଗ୍ରୀଷ୍ମଋତୁ ଆରମ୍ଭରୁ ରାୟଗଡ଼ା ଜିଲାରେ ପାନୀୟ ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି। ସ୍ୱାଧୀନତାର ୭୫ ବର୍ଷ ପରେ ଆଜି ବି ରାୟଗଡ଼ା ଜିଲାର ଅନେକ ଗ୍ରାମରେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇପାରୁନାହାନ୍ତି। ଏପରିକି ଜାତୀୟ ରାଜପଥ କଡ଼ରେ ରହିଥିବା ପଞ୍ଚାୟତ ମହକୁମାର ଗ୍ରାମଗୁଡ଼ିକରେ ମଧ୍ୟ ପହଞ୍ଚି ପାରୁନି ପାନୀୟ ଜଳର ବ୍ୟବସ୍ଥା । ଫଳରେ ଗ୍ରାମବାସୀ ନିକଟରେ ଥିବା ଝରଣା ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ଦୂଷିତ ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ପୀଡ଼ିତ ହେଉଥିବା ଗ୍ରାମର ଲୋକେ ଅଭିଯୋଗ କରିଛନ୍ତି। ପାନୀୟ ଜଳ ସମସ୍ୟା ନେଇ ବହୁବାର ପଞ୍ଚାୟତସ୍ତରରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏଭଳିକି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ନେଇ ଗତ ଦିନରେ ଉକ୍ତ ପଞ୍ଚାୟତର ଜଣେ ହିତାଧିକାରୀଙ୍କ ସହିତ ଭର୍ଚୁଆଲ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା କରିଥିଲେ। ତେବେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଅଞ୍ଚଳର ବିକାଶ କେବଳ କାଗଜକଲମରେ ସୀମିତ ରହିଯାଉଥିବା ଅଭିଯୋଗ ହୋଇଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ସଦର ବ୍ଲକ ଗୁମ୍ମା ପଞ୍ଚାୟତ ଅନ୍ତର୍ଗତ କଲୋନୀ ସାହିରେ । ରାୟଗଡ଼ା ଦେଇ କୋରାପୁଟ ଯାଇଥିବା ୩୨୬ନଂ ଜାତୀୟ ରାଜପଥ କଡ଼ର ଏହି ପଞ୍ଚାୟତରେ ପହଞ୍ଚିପାରୁନି ବ୍ୟବସ୍ଥିତ ପାନୀୟ ଜଳ ଯୋଗାଣ । ଯଦି ଗ୍ରାମରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଗୁମ୍ମା ପଞ୍ଚାୟତର କଲୋନୀ ସାହିରେ ପ୍ରାୟ ୩୦ ପରିବାର ବସବାସ କରନ୍ତି । ଗାଁରେ ଜନସଂଖ୍ୟା ୧୫୦ରୁ ଊର୍ଦ୍ଧ୍ୱ ହେବ । ପାନୀୟ ଜଳ ନିମନ୍ତେ ଗାଁରେ ରହିଛି ମାତ୍ର ଗୋଟିଏ ନଳକୂପ । ଉକ୍ତ ନଳକୂପରୁ ଗୋଳିଆ ଦୂଷିତ ପାଣି ବାହାରୁଥିବାରୁ ଲୋକେ ଏହାକୁ ବ୍ୟବହାର କରିପାରୁନାହାନ୍ତି। ଅନ୍ୟପଟେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହରେ ଉକ୍ତ ନଳକୂପରୁ ପାଣି ମଧ୍ୟ ଠିକ୍‌ରେ ବାହାରୁ ନାହିଁ । ଫଳରେ ଗ୍ରାମବାସୀ ନିକଟରେ ବୋହି ଯାଉଥିବା ଝରଣା ପାଣି ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ଦୂଷିତ ଜଳ ଓ ଝରଣା ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ପୀଡ଼ିତ ହେଉଥିବା ଲୋକେ କହୁଛନ୍ତି। ଦୂଷିତ ପାଣି ବ୍ୟବହାର ଯୋଗୁଁ ଗାଁରେ ସିକଲିନ୍ ରୋଗାକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ନେଇ ରାୟଗଡ଼ା ବିଡିଓ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ କଲୋନୀ ସାହିରେ ୨ଟି ନଳକୂପ ରହିଛି ଏବଂ ଖବର ମିଳିବା ପରେ ସେଗୁଡ଼ିକର ମରାମତି କରାଯାଇଛି ବୋଲି କହିଛନ୍ତି। ଯଦି ଆବଶ୍ୟକ ପଡ଼େ ନୂତନ ନଳକୂପ ଖନନ କରାଯିବ। ତେବେ ଗ୍ରୀଷ୍ମ ପ୍ରବାହକୁ ଦେଖି ବ୍ଲକସ୍ତରରେ ବିଭିନ୍ନ ଗ୍ରାମରେ ନଳକୂପ ମରାମତି ସହିତ ଜଳଛତ୍ର ମଧ୍ୟ ଖୋଲାଯାଇଥିବା ବିଡିଓ ସାହୁ କହିଛନ୍ତି କହିଛନ୍ତି ।

## ୯୦କେଜି ଗଞ୍ଜେଇ ଜବତ, ୩ ଗିରଫ

ରାୟଗଡ଼ା/ବିଷମକଟକ,୭।୪ (ଆଶିଷ ରଞ୍ଜନ ପଣ୍ଡା/ବିଭୁତି ଭୂଷଣ ନାୟକ)

ରାୟଗଡ଼ା ଜିଲା ବିଷମକଟକ ଓ ପଦ୍ମପୁର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୯୦ କେଜି ଗଞ୍ଜେଇ ଜବତ କରାଯିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପଦ୍ମପୁର ଥାନା ଅଧୀନ କେନ୍ଦୁଗୁଡ଼ା ଫାଣ୍ଡି ଅଞ୍ଚଳରେ ଏକ ସ୍କର୍ପିଓରେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ଅଙ୍ଗୁରୁ ଗ୍ରାମରୁ ରାୟଗଡ଼ା ଜିଲାକୁ ଗଞ୍ଜେଇ ଚାଲାଣବେଳେ ରବିବାର ସକାଳ ପ୍ରାୟ ୮ଟାରେ କେନ୍ଦୁଗୁଡ଼ା ପୋଲିସ ହାତରେ ଧରାପଡ଼ିଥିଲା । ପୋଲିସ ୬୮କେଜି ଗଞ୍ଜେଇ, ସ୍କର୍ପିଓ ଏବଂ ୩ଟି ମୋବାଇଲ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଲେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଭୁଜବଳ ଗ୍ରାମର ଚୁନା କାଡ୍ରାକା(୨୪)।

ସେହିପରି ବିଷମକଟକ ଥାନା ଅଧୀନ ଚାଞ୍ଚରାଗୁଡ଼ା ଛକରେ ଶନିବାର ବିଷମକଟକ ପୋଲିସ ଚଢ଼ାଉ କରି ୨୨ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରିଛି । ଗିରଫ ୨ ଜଣ ହେଲେ ଉତ୍ତରପ୍ରଦେଶ ଅଜିତମା ଥାନା ଅନ୍ତର୍ଗତ ରସୁଲପୁର ସୁଜନସିଂ ଗ୍ରାମର ରାକେଶ ବାବୁ (୩୦) ଏବଂ ବିହାର ନୂଆତନ ଥାନା ଅନ୍ତର୍ଗତ ରେଖାସୁଦର ପଚ୍ଚି ଗ୍ରାମର ବିଟୁ କୁମାର(୧୯)। ସେମାନଙ୍କ ନିକଟରୁ ପୋଲିସ ଦୁଇଟି ମୋବାଇଲ ଜବତ କରିଛି । ସେମାନେ ସ୍ଥାନୀୟ ଅଞ୍ଚଳରୁ ଗଞ୍ଜେଇ କିଣି ବାହାର ରାଜ୍ୟକୁ ନେଉଥିବା ପୋଲିସ ନିକଟରୁ ସୂଚନା ମିଳିଛି। ପୋଲିସ ସେମାନଙ୍କୁ ଗିରଫ କରିବା ସହିତ ଏନଡିପିଏସ ଆକ୍ଟରେ ବିଷମକଟକ ଥାନାରେ କେସ୍ ୭୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଆଗାମୀ ଦିନରେ ଅଧିକା ଗଞ୍ଜେଇ ଚାଲାଣ ଯୋଜନା ରହିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ଏହି ଗଞ୍ଜେଇ ଚାଲାଣ ପଛରେ ଏକ ବଡ଼ ର୍‍ୟାକେଟ ରହିଥିବା ଜଣାପଡ଼ିବା ପରେ ପୋଲିସ ଛାନ୍‌ଭିନ୍ କରୁଥିବା ସୂଚନା ମିଳିଛି।





ପଦ୍ମପୁର ଓ ବିଷମକଟକରେ ଜବତ ହୋଇଥିବା ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

# ଶତ ପ୍ରତିଶତ ମତଦାନ ଲକ୍ଷ୍ୟରେ ଗଡ଼ିଲା ଭୋଟର ସଚେତନତା ରଥ

ରାୟଗଡ଼ା/ଗୁଣପୁର/ଗୁଡାରି, ୭।୪ (ଆଶିଷ ରଞ୍ଜନ ପଣ୍ଡା/ ପ୍ରଦୀପ କୁମାର ପାଢ଼ୀ/ ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲାରେ ଶତ ପ୍ରତିଶତ ମତଦାନ ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି ଭୋଟର ସଚେତନତା ରଥ । ରବିବାର ଜିଲାପାଳ ମନୋଜ ସତ୍ୟୱାନ ମହାଜନ ଉପସ୍ଥିତ ରହି ଜିଲାପାଳ କାର୍ଯ୍ୟାଳୟ ପରିସରରୁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ରାୟଗଡ଼ା ବିଡିଓ ଅମୂଲ୍ୟ କୁମାର ସାହୁ, ଡେପୁଟି କଲେକ୍ଟର ପ୍ରଜ୍ଞା ପରିମିତା ଓ ସହକାରୀ ଜିଲାପାଳ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ମେ ୧୩ ତାରିଖରେ ହେବାକୁ ଥିବା ନିର୍ବାଚନରେ ଜିଲାରେ କିଭଳି ଶତ ପ୍ରତିଶତ ମତଦାନ ହେବ, ସେ ଉଦ୍ଦେଶ୍ୟରେ ଏହି ଭୋଟର ସଚେତନତା ରଥ ଶୁଭାରମ୍ଭ କରାଯାଇଥିବା ଜିଲାପାଳ କହିଛନ୍ତି। ଏହା ଜିଲାର ସମସ୍ତ ୮୮୩ ବୁଥ୍ ଅଞ୍ଚଳରେ ଭ୍ରମଣ କରି ଭୋଟରଙ୍କୁ ମତଦାନ ପାଇଁ ସଚେତନ କରିବ ।



ଜିଲାପାଳ ମନୋଜ ମହାଜନ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରୁଛନ୍ତି।

ପ୍ରକାଶଥାଉ କି, ୨୦୧୯ ସାଧାରଣ ନିର୍ବାଚନରେ ଜିଲାରେ ୭୫% ମତଦାନ ରହିଥିଲା। ତେଣୁ ଏଥର କିଭଳି ଶତ ପ୍ରତିଶତ ମତଦାନ ହୋଇପାରିବ, ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଅବସରରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଏନ୍‌ସିସି କ୍ୟାଡେଟ ଓ ଦିବ୍ୟାଙ୍ଗମାନେ ଉପସ୍ଥିତ ଥିଲେ ।

ସେହିପରି ଗୁଣପୁର ଉପଜିଲାପାଳ କିରନ ଦୀପ କୌର ସାହୋତା ନିର୍ବାଚନ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ୧୩୮-ଗୁଣପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ବୁଥ୍ ଅଞ୍ଚଳକୁ ଯାଇ ଭୋଟରଙ୍କୁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ନିର୍ବାଚନ ନିମନ୍ତେ ପ୍ରଚାର ମାଧ୍ୟମରେ ଜନ ସଚେତନ କରିବ। ସମସ୍ତ ଭୋଟର ନିଜ ବିବେକ ଅନୁସାରେ, ନିର୍ଭୀକ ଭାବରେ ମତଦାନ କେନ୍ଦ୍ରକୁ ଯାଇ ନିଜର ମତଦାନ କରିବା ନିମନ୍ତେ ଉପଜିଲାପାଳ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ମଧୁସୂଦନ ମାଝି, ପୋର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ନିର୍ବାଚନ ସହାୟକ ସୁଶାନ୍ତ ଦାସ, ପୌର ନିର୍ବାଚନ ସହାୟକ ରଶ୍ମି ରଞ୍ଜନ ଚୌଧୁରୀ, ପୌର କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

ଗୁଡାରି ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଅନିଶା ଦାସ ସବୁଜ ପତାକା ଦେଖାଇ ଭୋଟର ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଗୁଡାରି ବ୍ଲକର ସମସ୍ତ ବୁଥ୍ ଅଞ୍ଚଳକୁ ଯାଇ ଆସନ୍ତା ନିର୍ବାଚନରେ ଭୋଟରମାନଙ୍କୁ ମତଦାନ କରିବା ନିମନ୍ତେ ସଚେତନତ କରିବ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ପ୍ଲାକାର୍ଡ ଓ ପୋଷ୍ଟର ପ୍ରଦର୍ଶନ କରି ମତଦାତାଙ୍କୁ ସଚେତନ କରିଥିଲେ।



ଗୁଡାରିରେ ବିଡିଓ ଭୋଟର ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।



ଗୁଣପୁରରେ ଉପ ଜିଲାପାଳ ପ୍ରଚାର ରଥର ଶୁଭାରମ୍ଭ କରୁଛନ୍ତି।

## ଶର୍ଟଶର୍କିଟରୁ ଥାନାରେ ନିଆଁ ଲାଗିଲା

ଚିକିଟି,୭।୪(ପ୍ରକାଶ ଚନ୍ଦ୍ର ସାହୁ):

ଗଞ୍ଜାମ ଜିଲ୍ଲା ସୁନପୁର ସାମୁଦ୍ରିକ ଥାନାରେ ରବିବାର ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଫଳରେ ଥାନାରେ ଥିବା ୨ଟି ବାଇକ୍ ଜଳିଯାଇଛି। ଥାନା ଗୃହ ପରିସରରେ ଦୀର୍ଘଦିନ ଧରି ଲଗାଯାଇଥିବା ଇନଭର୍ଟରରୁ ସଟସର୍କିଟ ହୋଇ ହଠାତ ନିଆଁ ଲାଗିଯାଇଥିଲା। ଥାନାରେ ଥିବା ବହୁ ଆସବାସପତ୍ର ପୋଡିଯାଇଥିଲା। ଖବର ପାଇ କନିସି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଥାନା ପକ୍ଷରୁ କୁହାଯାଇଛି। ତେବେ କୌଣସି ବଡ଼ଧରଣର କ୍ଷତି ହୋଇଥିବା ଥାନା ଅଧିକାରୀ କହିଛନ୍ତି।

## ଅସରାଏ ବର୍ଷାରେ ଗୁଡାରି ସହରର ପ୍ରବେଶ ପଥ ବେହାଲ



ଗୁଡାରି,୭।୪ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରିରେ କାଳବୈଶାଖୀ ପ୍ରଭାବରେ ରବିବାର ଅପରାହ୍ନରେ ବର୍ଷା ହୋଇଥିଲା। ବର୍ଷାରେ ଗୁଡାରି ସହରର ମୁଖ୍ୟ ପ୍ରବେଶ ପଥର ବଂଶଧାରା ସେତୁ ନିକଟରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ମରାମତି କରିବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ରାସ୍ତା ମରାମତି କରାଯାଉନାହିଁ। ସାମାନ୍ୟ ବର୍ଷାରେ ଏଠାରେ ପାଣି ଜମି ରାସ୍ତାରେ ଯାତାୟାତ ନିମନ୍ତେ ଅସୁବିଧା ସୃଷ୍ଟି ହୋଇଛି। ସ୍ଥାନୀୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବାକୁ ଜନସାଧାରଣ ଦାବି ହୋଇଛି।

## କେଜରିୱାଲ୍‌ଙ୍କ ଗିରଫଦାରିର ପ୍ରତିବାଦ: ଆପ୍ ପକ୍ଷରୁ ସାମୂହିକ ଉପବାସ

ରାୟଗଡ଼ା,୭।୪(ଆଶିଷ ରଞ୍ଜନ ପଣ୍ଡା)

ଆମ୍ ଆଦମୀ ପାର୍ଟି ରାଷ୍ଟ୍ରୀୟ ଆବାହକ ତଥା ଦିଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫଦାରୀ ପ୍ରତିବାଦରେ ରାୟଗଡ଼ା ତହସିଲ କାର୍ଯ୍ୟାଳୟ ଛକ ନିକଟସ୍ଥ ଆମ୍ବେଡକର ପ୍ରତିମୂର୍ତ୍ତି ସମ୍ମୁଖରେ ସାମୂହିକ ଉପବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆବାହକ ଜନ୍ମେଜୟ ସ୍ୱାଇଁଙ୍କ ସମେତ ଜିଲା ଉପସଭାପତି ଜିତେନ୍ଦ୍ର ସେନାପତି, ଦୁର୍ଗା ଚରଣ ପଟ୍ଟନାୟକ, ମଧୁସୂଦନ ପାଣିଗ୍ରାହୀ, ସନ୍ତୋଷ ପାଇକ, ହେମନ୍ତ ଖୋସଲା ଓ ଅନ୍ୟମାନେ ଉପବାସରେ ବସିଥିଲେ ।



ଆମ୍ବେଡକର ପ୍ରତିମୂର୍ତ୍ତି ସମ୍ମୁଖରେ ଆପ୍ କର୍ମକର୍ତ୍ତାଙ୍କ ସାମୂହିକ ଉପବାସ।

## ରାଷ୍ଟ୍ରୀୟ ନବବର୍ଷ ପାଳନ ପ୍ରସ୍ତୁତି ବୈଠକ

ଗୁଣପୁର,୭।୪(ପ୍ରଦୀପ କୁମାର ପାଢ଼ୀ)

ରାଷ୍ଟ୍ରୀୟ ନବବର୍ଷକୁ ବହୁ ଉତ୍ସାହରେ ପାଳନ କରିବାକୁ ରବିବାର ରାୟଗଡ଼ା ଜିଲା ଗୁଣପୁରର ଅଦ୍ୱୈତ ବେଦାନ୍ତ ଆଶ୍ରମରେ ଆଦିତ୍ୟ ବାହିନୀ, ହିନ୍ଦୁ ରାଷ୍ଟ୍ର ସଂଘ ଓ ବିଶ୍ୱହିନ୍ଦୁ ପରିଷଦର ଆବାହନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମସ୍ତ ମନ୍ଦିର ପରିଚାଳନା କମିଟିର ସଦସ୍ୟ, ସତସଙ୍ଗ ମଣ୍ଡଳୀର ସଦସ୍ୟ ଉପସ୍ଥିତ ଥିଲେ। ଏହି ବୈଠକରେ ରାଷ୍ଟ୍ରୀୟ ନବବର୍ଷକୁ ଘରେ ଘରେ ପାଳନ ନିମନ୍ତେ ପ୍ରଚାର, ପ୍ରସାର ଓ ସୋସିଆଲ ମିଡ଼ିଆର ସାହାଯ୍ୟ ନେବାକୁ ନିଷ୍ପତ୍ତି ନିଆଯାଇଛି । ରାଷ୍ଟ୍ରୀୟ ନବବର୍ଷ ଦିନ ପ୍ରତ୍ୟେକ ଘରେ କଳସ ସ୍ଥାପନ, ସ୍ୱସ୍ତିକ ଚିହ୍ନ କରିବା, ତୋରଣ ବାନ୍ଧିବା, ପରିବାରବର୍ଗଙ୍କୁ ନେଇ ମନ୍ଦିର ଦର୍ଶନ କରିବା, ସହରର ବିଭିନ୍ନ ସ୍ଥାନରେ ବ୍ୟାନର ମାଧ୍ୟମରେ ଶୁଭେଚ୍ଛା ଜଣାଇବା, ସାମୂହିକ ଦ୍ୱୀପ ପ୍ରଜ୍ୱଳନ କରିବା, ନୂତନ ବସ୍ତ୍ର ପରିଧାନ କରିବା ଏବଂ ଧାର୍ମିକ ଓ ସଂସ୍କୃତି କ କାର୍ଯ୍ୟକ୍ରମ କରିବାକୁ ସଚେତନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ରାଷ୍ଟ୍ରୀୟ ନବବର୍ଷ ମଙ୍ଗଳବାର ପଡୁଥିବାରୁ ସେହିଦିନ ସନ୍ଧ୍ୟାରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ କଲେଜ ନିକଟସ୍ଥ ଗଣେଶ ମନ୍ଦିରରୁ ବାହାରି ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିରରେ ପହଞ୍ଚିବା, ସେଠାରେ ସାମୂହିକ ଆଳତି ଦର୍ଶନ ଓ ପ୍ରବଚନରେ ସମସ୍ତ ଜନସାଧାରଣଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି । ସ୍ଥାନୀୟ କନ୍ୟାକା ପରମେଶ୍ୱରୀ ମନ୍ଦିରରେ ଉକ୍ତ ଦିନ ହେବାକୁ ଥିବା ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଅଭିବାଦନ ଜଣାଇବା ନିଷ୍ପତ୍ତି ହୋଇଛି । ଏହି ବୈଠକକୁ ଆଦିତ୍ୟ ବାହୀନର ତ୍ରିପତି ମହାନ୍ତି, ବେଦାନ୍ତ ଆଶ୍ରମର ନଳନୀ ମହାନ୍ତି, ଦେବ୍ରତ ଆଚାର୍ଯ୍ୟ, ହିନ୍ଦୁ ରାଷ୍ଟ୍ର ସଂଘର ସଭାପତି ଉମା ଦାଶ, ବିଶ୍ୱହିନ୍ଦୁ ପରିଷଦର ବସନ୍ତ ମିଶ୍ର, ଜଗନ୍ନାଥ ମନ୍ଦିର ଉନ୍ନୟନ ପରିଷଦର ନିରଞ୍ଜନ ପାଢ଼ୀ ପରିଚାଳନା କରିଥିଲେ। ବାଲୁ ପାଢ଼ୀ, ଏଲ ମଧୁ, ପତିତପାବନ ପାଢ଼ୀ, ତ୍ରିପତି ରଥ, ନୁନୁ ପାଢ଼ୀ, ରାମ ପାଠୀ, ସୋମନାଥ ମହାନ୍ତି, ସୌରା ନାୟକ, ଭାଗିରଥି ବିଶୋଇ, ଶିବ ପାଢ଼ୀ, ସହଦେବ ରଥ, ବାମଦେବ ପଟ୍ଟନାୟକ, ନରସିଂହ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ହିନ୍ଦୁ ସମାଜର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# ଭାସ୍କର ଜିଲା ସଭାପତି ହେବା ପରେ ଧର୍ମ ସଙ୍କଟରେ ଶିବ ଗୌଡ଼

ଗୁଣପୁର,୭।୪(ପ୍ରଦୀପ କୁମାର ପାଢ଼ୀ)

**ଗୁଣପୁର ରାଜନୀତି ସରଗରମ**

ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିଥିବା ବେଳେ ରାୟଗଡା ଜିଲା ରାଜନୀତିରେ ଘଡିକେ ଘୋଡା ଛୁଟିବା ନ୍ୟାୟ ଚାଲିଛି। ଯାହା ରାଜନୀତି ପାଣିପାଗକୁ ସରଗରମ କରିଛି। ପ୍ରମୁଖ ରାଜନୈତିକ ଦଳ ବିଜେଡିର ନେତୃତ୍ୱ ପରିବର୍ତ୍ତନ ଦଳର ଗୋଷ୍ଠୀକନ୍ଦଳକୁ ପଦାରେ ପକାଇଛି। ଜିଲା ସଭାପତି ଦଳର ବରିଷ୍ଠ ନେତା ଏନ.ଭାସ୍କର ରାଓଙ୍କୁ କରାଯାଇଥିବାବେଳେ ସୁଧୀର ଦାସଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଏଥିସହ ଗୁଣପୁରକୁ ଛାଡି କିଏ କେଉଁ ବିଧାନସଭା ନିର୍ବାଚନମଣ୍ଡଳୀର ଦାୟିତ୍ୱ ନେବେ, ତାହା ମଧ୍ୟ ସ୍ପଷ୍ଟ କରାଯାଇଛି। ଏପରି ସ୍ଥିତିରେ ଭାସ୍କରଙ୍କ ବିରୋଧୀଙ୍କ ଚିନ୍ତା ବଢ଼ି ଯାଇଥିବାବେଳେ ଧର୍ମ ସଙ୍କଟରେ ପଡିଛନ୍ତି ଗୁଣପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼। ଶିବ ଗୌଡଙ୍କ ରାଜନୈତିକ ଗୁରୁ ହେଲେ ଭାସ୍କର ରାଓ। ତେବେ ଭାସ୍କର ଜିଲା ସଭାପତି ହେବା ପରେ ସେ ଯେତିକି ଖୁସି, ସେତିକି ଦ୍ୱନ୍ଦ୍ୱରେ ପଡି ଯାଇଛନ୍ତି। କାରଣ ଶିବ ଗୌଡ ବର୍ତ୍ତମାନ ସୁଦ୍ଧା ବିଜେଡିକୁ ଫେରିନାହାନ୍ତି। ସ୍ୱାଧୀନ ଭାବେ ରହି ନିଜର ରାଜନୈତିକ ଗୋଟି ଚାଳନା କରୁଛନ୍ତି ଏବଂ ବିଜେଡିକୁ ଟକ୍କର ଦେଉଛନ୍ତି। ଏପରିକି କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗଙ୍କୁ ରାଜନୈତିକ ସମର୍ଥନ ସହ ତାଙ୍କ ସପକ୍ଷରେ ପ୍ରଚାର ଚାଲିଛି। ଭାସ୍କର ରାଓ ଜିଲାସଭାପତି ହେବା ପରେ ସେ ପୁଣି ଥରେ ବିଜେଡିକୁ ଫେରିବେ ନା ସ୍ୱାଧୀନ ଭାବେ ରହି କଂଗ୍ରେସକୁ ସମର୍ଥନ କରିବେ ତାହା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ତାଙ୍କ ସମର୍ଥକଙ୍କ କହିବା ମୁତାବକ ଶିବ ଗୌଡ କଂଗ୍ରେସ ପ୍ରାର୍ଥୀ ସତ୍ୟଜିତଙ୍କୁ ହିଁ ସମର୍ଥନ କରିବେ ବୋଲି କହୁଛନ୍ତି। ଦେଖାଯାଉ ଆଗାମୀ ଦିନରେ କେଉଁ ପାଣି କୁଆଡେ ଯାଉଛି।



ଶିବ ପ୍ରସାଦ ଗୌଡ଼

ଉଲ୍ଲେଖଯୋଗ୍ୟ, ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଧାୟକ ତ୍ରିନାଥ ଗମାଙ୍ଗଙ୍କୁ ବିଜେଡିର ପ୍ରାର୍ଥୀ କରା ନ ଯାଇ ରଘୁନାଥ ଗମାଙ୍ଗଙ୍କୁ ପ୍ରାର୍ଥୀ କରାଯାଇଥିଲା। ଏହାର ପ୍ରତିବାଦରେ ତ୍ରିନାଥ ଏବଂ ଶିବ ଗୌଡ ଏହାର ବିରୋଧ କରିବା ସହ ତ୍ରିନାଥ ଗମାଙ୍ଗ ସ୍ୱାଧୀନ ଭାବେ ଲଢ଼ିଥିଲେ। ତ୍ରିନାଥ ଏବଂ ଶିବ ଗୌଡଙ୍କ ଯୋଡି ବିଜେଡିକୁ କଡା ଟକ୍କର ଦେବା ସହ ତ୍ରିନାଥ ଗମାଙ୍ଗ ୨୬,୩୨୧ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏହାପରେ ଉଭୟେ ଦଳରୁ ବିଦା ହୋଇଥିଲେ। ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତ୍ରିନାଥଙ୍କ ଘରବାହୁଡା ହୋଇଥିଲା। ହେଲେ ଜିଲା ସଭାପତି ଥିବା ସୁଧୀର ଦାସଙ୍କ ଘୋର ବିରୋଧ ଯୋଗୁ ଶିବ ଗୌଡଙ୍କ ଘରବାହୁଡା ହୋଇ ନ ଥିଲା। ଏହାପରେ ବିଜେଡି ଏବଂ ଶିବ ଗୌଡଙ୍କ ମଧ୍ୟରେ ରାଜନୀତି କ୍ଷେତ୍ରରେ କଡା ମୁକାବିଲା ହୋଇଥିଲା। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶିବ ଗୌଡଙ୍କ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଝିଲି ଶବର ପଞ୍ଚାୟତ ସମିତିର ଅଧ୍ୟକ୍ଷା ହୋଇଥିଲେ। ସେହିପରି ପୌର ନିର୍ବାଚନରେ ସ୍ତ୍ରୀ ମମତା ଗୌଡଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରାଇ ବିଜେଡିକୁ ଟକ୍କର ଦେଇ ଅଧ୍ୟକ୍ଷା କରାଇବାରେ ସଫଳ ହୋଇଥିଲେ। ଏଥିସହ ସେ ନିଜେ ପୌର ପରିଷଦର ଉପାଧ୍ୟକ୍ଷ ମଧ୍ୟ ହୋଇଥିଲେ। ୧୯ଟି ୱାର୍ଡରୁ ୧୧ ୱାର୍ଡରେ ତାଙ୍କ ସମର୍ଥକ କାଉନସିଲର ବିଜୟୀ ହୋଇଥିଲେ। ଏଥିସହ ଶିବ ଗୌଡ ଗୋଟିଚାଳନା କରି ସମବାୟ ନିର୍ବାଚନରେ ଗୁଣପୁର ଏଟବିସିଏସ ଏବଂ ଲ୍ୟାମ୍ପକୁ ମଧ୍ୟ ନିଜ କବଜାକୁ ନେଇ ତାଙ୍କର ସମର୍ଥକଙ୍କୁ ସଭାପତି କରାଇଥିଲେ। ଏବେ ଜିଲା ସଭାପତି ଭାସ୍କର ରାଓ ହେବା ପରେ ରାଜନୈତିକ ସ୍ତରରେ ଦବ୍‌ଦବା ରଖୁଥିବା ଶିବ ଗୌଡ ପୁଣି ଦଳକୁ ଫେରିବେ ନା ସ୍ୱାଧୀନ ଭାବେ ରହି କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବେ ତାହା ଏବେ ପ୍ରମୁଖ ଆଲୋଚନାର ବିଷୟ ହୋଇଛି। ସେହିପରି ତ୍ରିନାଥ ଗମାଙ୍ଗ ମଧ୍ୟ ତାଙ୍କର ଭଲ ବନ୍ଧୁ ଥିଲେ। ହେଲେ ଏବେ ଶିବ ଗୌଡ ଏବଂ ତ୍ରିନାଥ ଗମାଙ୍ଗଙ୍କ ମଧ୍ୟରେ ସମ୍ପର୍କ ସେତେଟା ଭଲ ନ ଥିବା କୁହାଯାଉଛି। ତ୍ରିନାଥ ବିଜେଡି ଛାଡି ବର୍ତ୍ତମାନ ଭାଜପାର ପ୍ରାର୍ଥୀ ହୋଇଛନ୍ତି। ଗୋଟିଏ ପଟେ ଭାସ୍କର ରାଓ ଏବଂ ଅନ୍ୟପଟେ ତ୍ରିନାଥ ରହିଥିବା ବେଳେ ଶିବ ଗୌଡ ଆଗାମୀ ଦିନରେ କ'ଣ ଆଭିମୁଖ୍ୟ ରଖୁଛନ୍ତି ତା' ଉପରେ ସମସ୍ତଙ୍କ ନଜର ରହିଛି। ଏ ସମ୍ପର୍କରେ ଶିବ ଗୌଡଙ୍କୁ ପଚରାଯିବାରୁ ଠିକ୍ ସମୟରେ ଉଚିତ ନିଷ୍ପତ୍ତି ନିଆଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

